ଧରିତ୍ରୀ
DHARITRI
July 28-August 3, 2019 ₹ 2/-

# ଛୁଟିଦିନ



# ମାଛ ବିବିଧା



୪

## ପ୍ରଚ୍ଛଦ ପ୍ରସଙ୍ଗ

ଜଳଭାଗ ହେଉ କି ସ୍ଥଳଭାଗ – ସବୁଠି ରହିଛି ବିବିଧ ସମ୍ପଦର ଗନ୍ତାଘର। ଯେତେବେଳେ ଜଳଭାଗ କଥା ଉଠେ, ସେତେବେଳେ ବହୁବିଧ ଜଳଜୀବଙ୍କ ଦୃଶ୍ୟ ଆଖି ଆଗରେ ନାଚିଯାଏ। ଯେଉଁମାନଙ୍କ ମଧ୍ୟରେ ମୁଖ୍ୟ ହେଉଛି ମାଛ। ତେବେ ମାଛ ଭିତରେ କିଛି ମାଛ ଅଛନ୍ତି, ଯାହା ଖୁବ୍ ବିରଳ ଆଉ ଦୁର୍ମୂଲ୍ୟ...

୩

## ଲାଇଫ୍ ଷ୍ଟାଇଲ



## ସିନେମା

୮/୯



# ବାର୍ବି କ୍ୟାଫେ



ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଆଜିକାଲି ଖାଦ୍ୟ ଉଦ୍ୟୋଗ ସଂସ୍ଥା ବିଭିନ୍ନ ଥିମ୍‌କୁ ନେଇ ରେସ୍ତୋଁରା, କ୍ୟାଫେ ଆଦି ନିର୍ମାଣ କରୁଛନ୍ତି। ସେହିଭଳି ପିଲାମାନଙ୍କ ପ୍ରିୟ କଣ୍ଢେଇ ବାର୍ବି ଥିମ୍‌କୁ ନେଇ ତାଇୱାନରେ ନିର୍ମାଣ କରାଯାଇଛି ଏକ କ୍ୟାଫେ। ଏହି କ୍ୟାଫେ ଭିତରକୁ ପ୍ରବେଶ କରିବା ମାତ୍ରେ ଲାଗେ ବାର୍ବି ଦୁନିଆକୁ ପ୍ରବେଶ କଲା ଭଳି। ଏହି କ୍ୟାଫେର ଇଣ୍ଟେରିୟର ଗୋଲାପି ରଙ୍ଗର। କ୍ୟାଣ୍ଡି ରଙ୍ଗର କାଉଚ୍, ବାର୍ବି ଥିମ୍ ମେନ୍ୟୁ କାର୍ଡ, ଏପରି କି ସେଠାରେ କାମ କରୁଥିବା ମହିଳା ୱେଟରମାନେ ମଧ୍ୟ ବାର୍ବି ଡ୍ରେସ୍ ପରିଧାନ କରି ଖାଦ୍ୟ ପରଷିଥାନ୍ତି। କେବଳ ସେତିକି ନୁହେଁ, ସେଠାରେ ପରଷାଯାଉଥିବା ଖାଦ୍ୟ ମଧ୍ୟ ବାର୍ବି ଥିମ୍‌କୁ ନେଇ ପ୍ରସ୍ତୁତ ହୋଇଥାଏ। ତେବେ ବଡ଼ମାନଙ୍କ ଅପେକ୍ଷା ଛୋଟ ଛୁଆ ଏହି କ୍ୟାଫେରେ ଭରପୂର ଆନନ୍ଦ ଉଠାଉଥିବା ନଜରକୁ ଆସିଥାନ୍ତି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୨୮-ଅଗଷ୍ଟ ୩

**ମେଷ**
କାର୍ଯ୍ୟଦକ୍ଷତା, ପଦାଧିକାରୀଙ୍କ ଅନୁକମ୍ପା, ସାମାଜିକ ପ୍ରତିଷ୍ଠା, ଚଳଚ୍ଚିତ୍ରରେ ସୁନାମ, ଶିଳ୍ପରେ ଉନ୍ନତି, ବାଣିଜ୍ୟର ଅଭିବୃଦ୍ଧି, ବ୍ୟୟ ବୃଦ୍ଧି, ଆତ୍ମୀୟଙ୍କ ସାହାଯ୍ୟ, ପାରିବାରିକ ମତାନ୍ତର, ସରକାରୀ ସ୍ତରରୁ ଋଣ ।

**ବୃଷ**
ଶାରୀରିକ ସୁସ୍ଥତା, ସମସ୍ୟା ସମାଧାନ, କର୍ମକ୍ଷେତ୍ରରେ ଗୌରବ, ଅର୍ଥଲାଭ, ବନ୍ଧୁଙ୍କ କଥାରେ ଦ୍ୱନ୍ଦ୍ୱ। ପ୍ରଶାସନିକ ସଫଳତା, ମନୋରଞ୍ଜନ କାର୍ଯ୍ୟକ୍ରମ, କ୍ରୀଡ଼ାରେ ସଫଳତା।

**ମିଥୁନ**
କାର୍ଯ୍ୟସିଦ୍ଧି, ବିଶିଷ୍ଟ ବ୍ୟକ୍ତିଙ୍କ ସାହଚର୍ଯ୍ୟ, ଆର୍ଥିକ ଅଭିବୃଦ୍ଧି, ରାଜନୈତିକ ବିବାଦ, ଆତ୍ମୀୟଙ୍କ ବିରୋଧ, ଗୃହୋପଯୋଗୀ ଜମିକ୍ରୟ, ସନ୍ତାନହେତୁକ ଗୌରବ, ଦୂରଯାତ୍ରା, ମିତ୍ରଲାଭ।

**କର୍କଟ**
ଉନ୍ନତ ଚିନ୍ତା, ସୁଚିନ୍ତିତ କାର୍ଯ୍ୟଧାରା, କଳା-ସଙ୍ଗୀତରୁ ସୁନାମ, ସମାଜରେ ପ୍ରତିଷ୍ଠା, ସ୍ୱାସ୍ଥ୍ୟରେ ଉନ୍ନତି। ଆର୍ଥିକ ଅନଟନ, ପରୋକ୍ଷ ଶତ୍ରୁତା, ପ୍ଲଟିଙ୍ଗ ବ୍ୟବସାୟରୁ ଲାଭ, ଇଣ୍ଟରଭ୍ୟୁରେ ସଫଳତା।

**ସିଂହ**
ବନ୍ଧୁମିଳନ, ଅର୍ଥନୈତିକ ଅଭିବୃଦ୍ଧି, ପଡୋଶୀଙ୍କ ବଦାନ୍ୟତା, ସହକର୍ମୀଙ୍କ ଶତ୍ରୁତା। ପାରିବାରିକ ଅସ୍ଥିରତା। ବିଦେଶଯାତ୍ରା ସୁଯୋଗ, ତୀର୍ଥାଟନ କରିପାରନ୍ତି।

**କନ୍ୟା**
ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା, ସାମ୍ବାଦିକତାରୁ ଗୌରବ, ସନ୍ତାନ ହେତୁକ ଗୌରବ, ବିଦେଶ ଯାତ୍ରାରେ ସଫଳତା। ଅଯଥା ଖର୍ଚ୍ଚାନ୍ତ।

**ତୁଳା**
ପାରିବାରିକ ସୌହାର୍ଦ୍ଦ୍ୟ, ବନ୍ଧୁବର୍ଗରେ ଶତ୍ରୁତା, ସ୍ୱାସ୍ଥ୍ୟ ସମସ୍ୟା, ସୁଚିନ୍ତିତ କର୍ମଯୋଜନା। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ବନ୍ଧୁବର୍ଗରେ ତର୍କ, ଜମିଜମା କ୍ରୟବିକ୍ରୟ, ଆନୁଷ୍ଠାନିକ କାମ, ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା।

**ବିଛା**
ଆଳସ୍ୟବୃଦ୍ଧି, ଅବହେଳାରୁ କାର୍ଯ୍ୟହାନି, ପରିବାରରେ ଭୁଲ୍ ବୁଝାମଣା, ଦୂରଯାତ୍ରା, ଧାର୍ମିକକାର୍ଯ୍ୟ, ଉଚ୍ଚଶିକ୍ଷାର ସୁଯୋଗ, ଆଇନ ଅଦାଲତରେ ଡିଗ୍ରୀ, ପ୍ରତିଯୋଗିତାରେ ସଫଳତା, ବନ୍ଧୁଙ୍କ ଅର୍ଥସାହାଯ୍ୟ।

**ଧନୁ**
ନୂତନ କର୍ମାରମ୍ଭ, ଦୂରଯାତ୍ରା, ବ୍ୟୟବୃଦ୍ଧି, ପଦସ୍ଥ ବ୍ୟକ୍ତିଙ୍କ ସହାୟତା, ଗଠନମୂଳକ କାର୍ଯ୍ୟ। ଭାବପ୍ରବଣତା, ଶେୟାର ବଜାରରୁ ଲାଭ, ନୂତନ ପ୍ରକଳ୍ପାରମ୍ଭ, ରପ୍ତାନି ବ୍ୟବସାୟରେ ସମସ୍ୟା, ବୈବାହିକ ସମ୍ପର୍କର ନିଷ୍ପତ୍ତି।

**ମକର**
ପାରିବାରିକ ଶାନ୍ତି, ଉପରିସ୍ଥଙ୍କ ଅନୁକମ୍ପା, ଶୃଙ୍ଖଳିତ କର୍ମକ୍ଷେତ୍ର, ଈର୍ଷାରୁ ଅପପ୍ରଚାର, ଯାନବାହନ କ୍ରୟ, ବନ୍ଧୁମାନଙ୍କ ସହଯୋଗ, ସାମୟିକ ଅର୍ଥ ସମସ୍ୟା, ଯାନବାହନକ୍ରୟ, ମାଙ୍ଗଳିକ କାର୍ଯ୍ୟରେ ବାଧା ।

**କୁମ୍ଭ**
କାର୍ଯ୍ୟରେ ବିଶୃଙ୍ଖଳା, ମାନସିକ ଅସ୍ଥିରତା, ପାରିବାରିକ ସମସ୍ୟା, ଧୈର୍ଯ୍ୟ ଅତୁଟ ରହିବ, ଆର୍ଥିକ ସ୍ଥିତି ବଦଳିବ। ମାଲି ମକଦ୍ଦମାରେ ବିଜୟ, ପ୍ରଶାସନିକ ତତ୍ପରତା, ନିର୍ମାଣରେ ଦ୍ୱନ୍ଦ୍ୱ, ଆମଦାନୀ କାରବାରରୁ ଲାଭ, ହୋଟେଲ ଶିଳ୍ପରେ ଉନ୍ନତି।

**ମୀନ**
ଶାରୀରିକ ଅସୁସ୍ଥତା, ପାରିବାରିକ ସମସ୍ୟା। ପ୍ରଶାସନିକ ସଫଳତା। ପରିବହନରେ ଲାଭ, କୃତି-କୃତିତ୍ୱରୁ ପ୍ରଶଂସା, ରଚନାତ୍ମକ କାର୍ଯ୍ୟରୁ ଆନନ୍ଦ, ଶିଳ୍ପସମସ୍ୟା ସମାଧାନ।

# କାର କିଣୁଥିଲେ ରଙ୍ଗ ପ୍ରତି ଦିଅନ୍ତୁ ବିଶେଷ ଧ୍ୟାନ

**କାର କିଣିଲା ବେଳେ ଏହାର ରଙ୍ଗ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବା ଜରୁରୀ। କାରଣ ଏହାର ପ୍ରଭାବ ଆମ ଜୀବନ ଉପରେ ପଡିଥାଏ। ତେବେ କେଉଁ ରଙ୍ଗର କାର କିଣିବା ଦ୍ୱାରା କ'ଣ ସବୁ ପ୍ରଭାପ ପଡିଥାଏ, ସେ ସମ୍ପର୍କରେ.....**



* ଧଳା ରଙ୍ଗର କାର ସାଧାରଣତଃ ସମସ୍ତଙ୍କ ଲାଗି ଶୁଭ ବୋଲି କୁହାଯାଏ। ଯଦିଓ ଧଳାରଙ୍ଗ ହେତୁ ଏହା ପ୍ରତି ଟିକିଏ ଅଧିକ ଯତ୍ନ ନେବାକୁ ପଡିପାରେ, କିନ୍ତୁ ଅଧିକ ରିପାୟରିଂ ବା ବ୍ରେକ୍ ଡାଉନ୍ ଆଶଙ୍କା କମ୍ ଥାଏ।

* ଅନେକ ଲୋକଙ୍କ ପ୍ରଥମ ପସନ୍ଦ ପାଲଟିଥାଏ ନାଲି ରଙ୍ଗର କାର। ତେବେ ନାଲି ରଙ୍ଗର କାର ପସନ୍ଦ କରୁଥିବା ବ୍ୟକ୍ତି ସାଧାରଣତଃ ସ୍ପିଡ୍ ଗାଡ଼ି ଚଳେଇବାକୁ ପସନ୍ଦ କରିଥାନ୍ତି। ତେଣୁ ଏହି ରଙ୍ଗର ଗାଡି କିଣୁଥିବା ବ୍ୟକ୍ତି ଚଳେଇଲା ବେଳେ ସତର୍କ ରହିବା ଜରୁରୀ।

* କାର କିଣିଲା ବେଳେ ନୀଳ ରଙ୍ଗର କାର ନ କିଣିବା ଭଲ। ନୀଳ ରଙ୍ଗର କାର କିଣିବା ଦ୍ୱାରା ରିପାୟରିଂ ପାଇଁ ଆପଣଙ୍କୁ ବହୁବାର ଗ୍ୟାରେଜ୍ ଯିବାକୁ ପଡ଼ିପାରେ।

* କଳା ରଙ୍ଗର କାର ଦେଖିବାକୁ ଆକର୍ଷଣୀୟ ହୋଇଥାଏ କିନ୍ତୁ ଚଳେଇଲା ବେଳେ ବିଶେଷ ସତର୍କତା ଅବଲମ୍ବନ କରିବା ଜରୁରୀ। ଏହା ମଧ୍ୟ ତାପ ପ୍ରତିରୋଧକ ନୁହେଁ।

* ସିଲ୍‌ଭର କଲର କାର ମଧ୍ୟ ଅନେକ ଲୋକଙ୍କ ପ୍ରଥମ ପସନ୍ଦ। ତେବେ ଏହି ରଙ୍ଗର କାର କିଣିବା ଦ୍ୱାରା ଅଘଟଣର ଆଶଙ୍କା କମ୍ ଥାଏ।

* ଗୋଲ୍ଡେନ୍ କଲର କାର ଶକ୍ତି, ସମୃଦ୍ଧି, ଉତ୍କର୍ଷତାର ସଙ୍କେତ ବହନ କରେ। ତେବେ ଏହି ରଙ୍ଗର କାର କିଣିବା ମଧ୍ୟ ଉତ୍ତମ ସାବ୍ୟସ୍ତ ହୋଇଥାଏ।

# ପାଠକୀୟ

❖ ବିଶ୍ୱତାପନ ଓ ପରିବେଶ ପ୍ରଦୂଷଣ କଥା ଦେଖିଲେ ଯାନବାହନ ହିଁ ପ୍ରଦୂଷଣର ଅନ୍ୟତମ କାରଣ। ତେଣୁ ଏଥିଯୋଗୁ ହେଉଥିବା ବାୟୁ ଓ ଶବ୍ଦ ପ୍ରଦୂଷଣକୁ ଯଦି ରୋକାଯାଇପାରିବ, ତେବେ ଆମେ କିଛି ମାତ୍ରାରେ ଆଶ୍ୱସ୍ତି ଲାଭ କରିପାରିବା। ଯାହାକୁ ଅନେକ ମାତ୍ରାରେ ସମାଧାନ କରିପାରିବ ଇଲେକ୍ଟ୍ରିଚାଳିତ ଯାନ। ତେଣୁ ଏହି ଇଲେକ୍ଟ୍ରିଚାଳିତ ଯାନ ଉପରେ ଆଧାର କରି ପ୍ରସ୍ତୁତ କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରକୃତି ବନ୍ଧୁ ଇ-ଯାନ' ଏକ ଉପାଦେୟ ବିଷୟ ଥିଲା। 'ଯଦି ବାଟରେ ଯିବାବେଳେ ଟଙ୍କା ମିଳେ' ପାଠଟିରୁ ଅନେକ ନୂଆ କଥା ଜାଣିହେଲା।

**-ତପନ ମୁଦୁଲି, ସାତଶଙ୍ଖ, ପୁରୀ**

❖ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରକୃତି ବନ୍ଧୁ ଇ-ଯାନ' ପାଠଟି ଏକ ଯୁଗୋପଯୋଗୀ ଆଲେଖ୍ୟ ଥିଲା। 'ଡିଜାଷ୍ଟର କାଫେ', 'ମିଳିବ ପ୍ରାଣୀ-ପାଳନ ଛୁଟି' ଆଦି ପାଠଦୁଇଟି ବି ବେଶ୍ ଆଶ୍ଚର୍ଯ୍ୟକର ବିଷୟ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶ୍ୱପ୍ରସିଦ୍ଧ ତଥା ସୁନ୍ଦରୀ ଅଭିନେତ୍ରୀ ଅମାଣ୍ଡା ମିସେଲ ସେଫ୍ରିଡ୍‌ଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରୁ 'ପିପି ଓ ଏକ ପ୍ରେମ' ନାମକ ଗପଟି ପଢିଲି, ଏହା ମୋ ମନକୁ ବେଶ୍ ଛୁଇଁଗଲା।

**-ରାକେଶ କୁମାର ରଥ, ରାଜାବଜାର, ଖୋର୍ଦ୍ଧା**

❖ ସିନେମା ପୃଷ୍ଠାରେ ସ୍ଥାନିତ କ୍ୟାଟ୍ରିନାଙ୍କ ଫଟୋଟି ଅତି ସୁନ୍ଦର ହୋଇଥିଲା। ତା'ଛଡ଼ା ଏଥିରୁ ମଧ୍ୟ ଆଲିଆଙ୍କ ସ୍ପେଶାଲ ବାର୍ଥ ଡେ' ଏବଂ ଜନ୍ ଆବ୍ରାହମ୍‌ଙ୍କ ଷ୍ଟଣ୍ଟ ନିଶା ସମ୍ପର୍କରେ ବି ଜାଣିହେଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରେ ସ୍ଥାନିତ ଆଇନ୍‌ଜୀବୀ, ସମାଜସେବୀ ତଥା ସଂସ୍କୃତିପ୍ରେମୀ ନରେନ୍ଦ୍ର କୁମାର ପୃଷ୍ଟିଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ମଜାଳିଆ ଲାଗୁଥିଲା।

**-ପ୍ରଣତି ସେନାପତି, ଭାପୁର, ଢେଙ୍କାନାଳ**

❖ 'ଟ୍ରେଣ୍ଡି ରେନ୍‌କୋଟ୍' ପାଠରୁ ଅନେକ ଭେରାଇଟିର ରେନ୍‌କୋଟ୍ ସମ୍ପର୍କରେ ଜାଣିହେଲା। ମଡେଲ୍ ମିରର୍‌ରେ ଅସୀମା ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ହାଃ ହାଃ ବି ଖୁବ୍ ମଜାଦାର୍ ଥିଲା। ସହର ପୃଷ୍ଠାରୁ 'ଭୀମବନ୍ଧ ବନ୍ୟପ୍ରାଣୀ ଅଭୟାରଣ୍ୟ' ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିଲା।

**-ମହାମାୟା ନାୟକ, କେଶୁରା, ଭୁବନେଶ୍ୱର**

❖ ଯାତ୍ରା ପୃଷ୍ଠାରୁ ଅମିତା ସେନାପତି ଏବଂ ଗୁରିଆ ସାହୁଙ୍କ ଯାତ୍ରା ଇନିଂସ୍ ସମ୍ପର୍କରେ ପଢି ଖୁସି ଲାଗିଲା। ସେହିପରି ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ଅଦୃଶ୍ୟ କାରିଗରି', 'ଆଇରନ୍ କରିବେ କେଉଁଠି ବି କେମିତି ବି' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

**-ରଶ୍ମିପ୍ରଭା ମିଶ୍ର, କେନାଲ ରୋଡ୍, କଟକ**

## ବିଶେଷ ଚିଠି



ହେଲେ ରବିବାର ଆନମନା ମନ
ପୁରଠାରୁ ପଲ୍ଲୀ ଯାଏ,
ଧରିତ୍ରୀ ସହ ଆସେ ଛୁଟିଦିନ
ମନ ଆମ କିଣିନିଏ।
ଗଳ୍ପ ଓ କବିତା ସାଥେ ଘେନି ଆସ
ଆହାକି ସୁନ୍ଦର ଲାଗେ
ଚିଠି ପତ୍ର ସହ ଫିଲ୍ମ ପୃଷ୍ଠା
ଶୋଭା ବଢାଉଛି ସତେ।
ପାଠକଙ୍କଠୁ ତୁମେ ଆଦର ପାଉଛ
ବଢିଛି ତୁମର ମାନ
ସେଥିପାଇଁ ତୁମେ ସାରା ଓଡ଼ିଶାରେ
ପାଇଛ ସ୍ୱତନ୍ତ୍ର ସ୍ଥାନ।

**-ରଜନୀକାନ୍ତ ରାଉଳ, ଜୁଣଗଡ଼ି, ଈଶ୍ୱରପୁର, କେନ୍ଦ୍ରାପଡ଼ା**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# କ୍ଲଚ୍




**କ୍ଲଚ୍ ଏବେ ଷ୍ଟାଇଲ ଷ୍ଟେଟ୍‌ମେଣ୍ଟ ପାଲଟିଛି। ପାର୍ଟି ପାଇଁ ତ ଏହାର ଚାହିଦା ବେଶି। ତେବେ ଏମିତି ବି କିଛି କ୍ଲଚ୍ ଅଛି, ଯାହା ଦେଖିବାକୁ ବେଶ୍ ଅଜବ କିନ୍ତୁ ଆକର୍ଷକ। ଏହାକୁ କ୍ୟାରି କଲେ ଏକ ଡିଫରେଣ୍ଟ ଲୁକ୍ ମିଳିଥାଏ...**

**ମୋଶ୍ଚିନୋ ସ୍ପ୍ରେ ପେଣ୍ଟ ବ୍ୟାଗ୍**–ଏହା ଦେଖିବାକୁ ଏକ ସ୍ପ୍ରେ ପେଣ୍ଟ କ୍ୟାନ୍ ଭଳି। ସେଥିରେ କମ୍ପାନୀର ନାମ ବି ଲେଖା ଯାଇଥାଏ । ହେଲେ ପ୍ରକୃତରେ ତାହା କୌଣସି ସ୍ପ୍ରେ ପେଣ୍ଟ କ୍ୟାନ୍ ନୁହେଁ ବରଂ କ୍ଲଚ୍ ବ୍ୟାଗ୍। ଏହାର ମୂଲ୍ୟ ୭୯୫ ଡଲାରଠାରୁ ବି କମ୍।

**କ୍ରିସ୍‌ମାସ୍ ଟ୍ରି ପରି ବ୍ୟାଗ୍**– କ୍ରିସ୍‌ମାସ୍ ଟ୍ରି ପରି ଦେଖିବାକୁ ଏହି ବ୍ୟାଗ୍। ଆନ୍ୟା ହିନ୍ଦମାର୍ଚ୍ଚ ଲିଟିଲ୍ ଟ୍ରି ଚାର୍ମ ନାମକ ଏହି ବ୍ୟାଗ୍‌ର ମୂଲ୍ୟ ହେଉଛି ୩୫୦ ଡଲାର।

**ରୋବୋ କ୍ଲଚ୍ ବ୍ୟାଗ୍**– ଭାରି କ୍ୟୁଟ୍ ଲାଗେ ଏହି ବ୍ୟାଗ୍। ଅବିକଳ ରୋବୋ ଭଳି। ଛୋଟିଆ କଳା ରଙ୍ଗର ଏହି କ୍ଲଚ୍ ବ୍ୟାଗ୍‌ରେ ନୀଳରଙ୍ଗର ଦୁଇଟି ଆଖି ସହ ରୋବୋ ଭଳି ହାତ ଗୋଡ଼ ବି ଅଛି। ଏମ୍‌ସିଏମ୍ ରୋବୋ କ୍ଲଚ୍ ନାମକ ଏହି ବ୍ୟାଗ୍‌ର ମୂଲ୍ୟ ୧୨୯୫ ଡଲାର।

**ପଞ୍ଝା ପରି ବ୍ୟାଗ୍**– ରୋବୋ ବ୍ୟାଗ୍ ପରେ କେଞ୍ଜୋ ମେଟାଲ ପ' ବ୍ୟାଗ୍ ବହୁତ ମଜାଦାର। ଏହା ଦେଖିବାକୁ କୁକୁରର ପଞ୍ଝା ପରି। ରୋଜ୍ ଗୋଲ୍ଡ କଲର୍‌ର ଏହି ବ୍ୟାଗ୍ ବେଶ୍ ଆକର୍ଷକ। ଏହାର ମୂଲ୍ୟ ୬୦୫ ଡଲାର।

**ଦିଆସିଲି ଖୋଳ କ୍ଲଚ୍**– ପ୍ରଥମ ନଜରରେ ଏହା ଏକ ବଡ଼ ଆକାରର ଦିଆସିଲି ଖୋଳ ବା ମ୍ୟାଚ୍ ବକ୍ସ ପରି ଲାଗିବ। କିନ୍ତୁ ଏହା ଏକ କ୍ଲଚ୍ ବ୍ୟାଗ୍। ଦିଆସିଲି ଖୋଳ ଅଧା ଖୋଲି କାଠି ଦେଖାଗଲା ଭଳି ଚିତ୍ର ଏଥିରେ ହୋଇଛି। ଯାଜବୁକି ସମ୍ ଲାଇକ୍ ଇଟ୍ ହଟ୍ କ୍ଲଚ୍ ନାମକ ଏହି ବ୍ୟାଗ୍‌ର ମୂଲ୍ୟ ୭୨୫ ଡଲାର।

**ବଜୁକା ବବଲ୍ ଗମ୍ କଭର୍ କ୍ଲଚ୍**–ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ନ୍ୟୁୟର୍କର ଟପ୍ସ କମ୍ପାନୀର ଏହି ବବଲ୍ ଗମ୍ ବଜାରରେ ଉପଲବ୍ଧ ହେଉଥିଲା। ସେହି ବବଲ୍ ଗମ୍‌ର କଭର୍ ଦେଖିବାକୁ ଯେମିତି ଥିଲା ଠିକ୍ ସେହିଭଳି ଏକ କ୍ଲଚ୍ ତିଆରି ହୋଇଛି। ଏହାର ମୂଲ୍ୟ ୧୫୯୫ ଡଲାର।

**ମଶରୁମ୍ କ୍ଲଚ୍**– ଏହି କ୍ଲଚ୍ ଛତୁ ଭଳି ଦେଖିବାକୁ। ଲାଲ୍‌ରଙ୍ଗର ଅର୍ଦ୍ଧଗୋଲାକାର ଉପରେ ଧଳାରଙ୍ଗର ଟୋପା ଟୋପା ଥାଏ। ତଳଭାଗଟି ଈଷତ୍ ଧଳା ଓ ଛୋଟିଆ ନାଡ଼ ବି ଅଛି। ଏହାର ମୂଲ୍ୟ ୩୪୮ ଡଲାର।

**ଅଣ୍ଡରୱେର ବ୍ୟାଗ୍**– ଏହି ବ୍ୟାଗ୍‌କୁ ଧରି ବାହାରକୁ ଯିବା ଲାଗି କେହି କେହି ସଙ୍କୋଚ କରିପାରନ୍ତି। କାରଣ ଏହା ଦେଖିବାକୁ ଅଣ୍ଡରୱେର୍ ପରି। ମୋଶ୍ଚିନୋ କମ୍ପାନୀର ଏହି ବ୍ୟାଗ୍‌ର ମୂଲ୍ୟ ୭୯୫ ଡଲାର।

**ରେଡ୍ ଲିପ୍ କ୍ଲଚ୍**– ଲାଲ୍‌ରଙ୍ଗର ଓଠ ଭଳି ଏହି କ୍ଲଚ୍ ନାଇଟ୍ ପାର୍ଟି ପାଇଁ ଭଲ ଲାଗେ। ଚାହିଁଲେ ବ୍ଲାକ୍ ଡ୍ରେସ୍ ସାଙ୍ଗରେ ଏହାକୁ କ୍ୟାରି କରିପାରିବେ।

**ହାପି କ୍ଲଚ୍**– ସ୍ମାଇଲି ଥିବା ଏହି କ୍ଲଚ୍ ହଳଦିଆ ରଙ୍ଗର। ଆଶଲିନ୍‌ସ ହାପି କ୍ଲଚ୍ ନାମକ ଏହି ବ୍ୟାଗ୍ ବହୁତ ସିମ୍ପଲ୍ କିନ୍ତୁ କ୍ୟୁଟ୍ ଲାଗେ। ଏହାର ମୂଲ୍ୟ ୫୭୫ ଡଲାର।

**ୱାଟର ମେଲନ କ୍ଲଚ୍**: କଟା ତରଭୁଜ ପରି ଦେଖାଯାଉଥିବା ଏହି କ୍ଲଚ୍‌କୁ ଆପଣ ସମର ଫ୍ୟାଶନରେ ସାମିଲ କରିପାରିବେ।


















# ମାଛ ବିବିଧା



ଭାରତକୁ ସାଧାରଣତଃ ବିବିଧତାର ଗନ୍ତାଘର ବୋଲି କୁହାଯାଇଥାଏ। ଜଳଭାଗ ହେଉ କି ସ୍ଥଳଭାଗ – ସବୁଠି ରହିଛି ବିବିଧ ସମ୍ପଦର ଗନ୍ତାଘର। ଯେତେବେଳେ ଜଳଭାଗ କଥା ଉଠେ, ଅର୍ଥାତ୍ ମୁଖ୍ୟତଃ ନଦୀ ସମୁଦ୍ରର କଥା କୁହାଯାଏ ସେତେବେଳେ ବହୁବିଧ ଚମକପ୍ରଦ ଜଳଜୀବଙ୍କ ଦୃଶ୍ୟ ଆଖିରେ ନାଚିଯାଏ। ପୁଣି ଏକଥା ଭୁଲିଯିବା ଉଚିତ ନୁହେଁ ଯେ, ଭାରତୀୟ ମହାଦେଶରେ ମାଛ ହେଉଛି ଏକ ଅତିପ୍ରିୟ ଖାଦ୍ୟ। ପ୍ରାୟ ସତୁରି ପ୍ରତିଶତ ଲୋକ ଏଠାରେ ମାଛକୁ ଏକ ମୁଖ୍ୟ ଆମିଷ ଖାଦ୍ୟ ଭାବରେ ବିବେଚନା କରିଥାନ୍ତି। ଏହାକୁ ଆଖି ଆଗରେ ରଖି ପ୍ରକୃତି ମଧ୍ୟ ଭାରତୀୟ ଜଳଭଣ୍ଡାରକୁ ଭିନ୍ନଭିନ୍ନ ପ୍ରଜାତିର ମତ୍ସ୍ୟ ସମ୍ପଦରେ ଭରିଦେଇଛି। ସେଥିଲାଗି ଏକଥା ଯଥାର୍ଥରେ କୁହାଯାଏ ଯେ, ଭାରତ ହେଉଛି ଭିନ୍ନଭିନ୍ନ ମତ୍ସ୍ୟ ସମ୍ପଦର ଏକ ଗନ୍ତାଘର। ଏଠାରେ ଏକ ବୃହତ୍ ସଂଖ୍ୟକ endemic species ମିଳନ୍ତି। endemic species ର ଅର୍ଥ ଯାହା ଅନ୍ୟ କେଉଁଠାରେ ଦେଖାଯାଆନ୍ତି ନାହିଁ। ଏହାର କାରଣ ଭାରତର ଭୌଗୋଳିକ ଗଠନ। ତଥ୍ୟ ଅନୁଯାୟୀ ଭାରତୀୟ ଜୈବ ବିବିଧତା ମୁଖ୍ୟତଃ ଦୁଇଗୋଟି ହଟ୍‌ସ୍ପଟ୍ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ଗୋଟିଏ ହେଉଛି ପୂର୍ବ ହିମାଳୟ ପାର୍ବତ୍ୟ ଶ୍ରେଣୀ ଏବଂ ଅନ୍ୟଟି ପଶ୍ଚିମଘାଟ ପର୍ବତମାଳା। ସେଥିପାଇଁ ଭାରତରେ ବହୁ ପ୍ରଜାତିର ବିରଳ ମାଛ ଦେଖିବାକୁ ମିଳିଥାନ୍ତି।

**ରୱାସ୍ :** ଏହା ମୁଖ୍ୟତଃ ଭାରତରେ ଦେଖିବାକୁ ମିଳୁଥିବା ଏକ ବିଶେଷ ପ୍ରଜାତିର ମାଛ। ଏହାକୁ ଇଣ୍ଡିଆନ୍ ସଲୋମନ୍ ବୋଲି କୁହାଯାଇଥାଏ। ଆମେରିକା ବ୍ରିଟେନ୍ ଭଳି ରାଷ୍ଟ୍ରରେ ସଲୋମନ୍ ମାଛର ଯେମିତି ଆଦର ଭାରତରେ ରୱାସ୍‌ର ମଧ୍ୟ ଠିକ୍ ସେମିତି ଆଦର। ଗୁଜୁରାଟ୍, ମହାରାଷ୍ଟ୍ରର ଉପକୂଳ ଅଞ୍ଚଳରେ ଏହି ମାଛ ଅଧିକ ପରିମାଣରେ ଦେଖାଯାଆନ୍ତି। ସାଧାରଣତଃ ଏମାନେ କାଦୁଆ ସ୍ଥାନରେ ନଦୀ କିମ୍ବା ପୋଖରୀର ସମ୍ପୂର୍ଣ୍ଣ ନିମ୍ନ ଭାଗରେ ରହିଥାନ୍ତି। ଏହା ପଲିନେମିଡ୍ ଫ୍ୟାମିଲି ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଏହାର ବୈଜ୍ଞାନିକ ନାମ ହେଉଛି 'ଇଲୁଥେରୋନିମା ଟେଟ୍ରାଡାକ୍‌ଟିଲମ୍'। ଏହାକୁ କେହିକେହି ମତ୍ସ୍ୟ ଗବେଷକ 'ବ୍ଲୁ ଥ୍ରେଡ୍‌ଫିନ୍' ମଧ୍ୟ କହିଥାନ୍ତି। ଭାରତ ବ୍ୟତୀତ ବାଂଲାଦେଶରେ ମଧ୍ୟ ଏହା ଦେଖିବାକୁ ମିଳିଥାଏ। ଏହା କିଲୋପ୍ରତି ଦର ୧୦୦୦ଟଙ୍କାରୁ ୧୫୦୦ଟଙ୍କା ମଧ୍ୟରେ ବିକ୍ରିହୋଇଥାଏ।

ଜଳଭାଗ ହେଉ କି ସ୍ଥଳଭାଗ – ସବୁଠି ରହିଛି ବିବିଧ ସମ୍ପଦର ଗନ୍ତାଘର। ଯେତେବେଳେ ଜଳଭାଗ କଥା ଉଠେ, ସେତେବେଳେ ବହୁବିଧ ଜଳଜୀବଙ୍କ ଦୃଶ୍ୟ ଆଖି ଆଗରେ ନାଚିଯାଏ। ଯେଉଁମାନଙ୍କ ମଧ୍ୟରେ ମୁଖ୍ୟ ହେଉଛି ମାଛ। ତେବେ ମାଛ ଭିତରେ କିଛି ମାଛ ଅଛନ୍ତି, ଯାହା ଖୁବ୍ ବିରଳ ଆଉ ଦୁର୍ମୂଲ୍ୟ...

**ସୁରମୟୀ ବା ସିର ଫିସ:** ମୁଖ୍ୟତଃ ଭାରତୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଦେଖିବାକୁ ମିଳୁଥିବା ଏହି ମାଛର ଏକ ବିଶେଷ ଚାହିଦା ରହିଛି ଭାରତରେ। ଏହାକୁ ମଧ୍ୟ ଗେମ୍ ଫିସ୍ ବୋଲି କୁହାଯାଏ। ଏହାର ପ୍ରାଣୀ ବୈଜ୍ଞାନିକ ନାମ ହେଉଛି ସ୍କମ୍ବରୋମରୋସ୍ ଗୁଟାଟସ୍। ଏହା ସର୍ବାଧିକ ୪୫କେଜି ପର୍ଯ୍ୟନ୍ତ ବଢ଼ିଥାଏ। ଏହାକୁ କୌଣସି କୌଣସି ସ୍ଥାନରେ ଭିନ୍ନନାମରେ ମଧ୍ୟ ଜଣାଯାଇଥାଏ। ଯଥା– ଅନ୍‌ଜାଲ, ଇସ୍ୱାନ୍ ପ୍ରଭୃତି।

**ମାଛର ନାଁ ତେଲିଆଶିଳା:** 'ତେଲିଆଶିଳା' ନାଁ ଟି ଓଡ଼ିଆ ପାଠକ ମାନଙ୍କ ପାଇଁ ହୁଏତ ନୂଆ ନୁହେଁ। କାରଣ ଚଳିତବର୍ଷ ଧାମରାର ମତ୍ସ୍ୟଜୀବୀମାନେ ୮ଟି ତେଲିଆଶିଳା ଧରିବା ଖବର ବେଶ୍ ଚର୍ଚ୍ଚାରେ ରହିଥିଲା। ମତ୍ସ୍ୟ ଗବେଷକଙ୍କ ମତରେ ତେଲିଆଶିଳା ଏକ ବିରଳ ପ୍ରଜାତିର ମାଛ। ମାଛ ଗୋଟାର ଦାମ ଦେଢ ଲକ୍ଷ ଟଙ୍କା ଯାହା ସହଜରେ ବିଶ୍ୱାସ କରି ହୁଏନା । ମାତ୍ର ଏହା ସତ । ଯେଉଁ ମତ୍ସ୍ୟଜୀବୀର ଜାଲରେ ଏହି ମାଛ ପଡିଲା ସେ ମାଲାମାଲ ହୋଇଗଲା ଜାଣ । ଇଲିଶ ମାଛଠାରୁ ଏହାର ମୂଲ୍ୟ ମଧ୍ୟ ଅଧିକ । ଏହାର କିଲୋପ୍ରତି ୪ରୁ ୫ ହଜାର ଟଙ୍କାରେ ବିକ୍ରୀ ହୋଇଥାଏ । ଗୋଟିଏ ବଡ ମାଛର ମୂଲ୍ୟ ଲକ୍ଷେ ଟଙ୍କାରୁ ଅଧିକ । ଆମ ରାଜ୍ୟର କେତେକ ସ୍ଥାନରେ ସମୁଦ୍ରରୁ ବଡ ଫାଶ ଜାଲରେ ଏହି ମାଛ ଧରା ହୋଇ ଥାଆନ୍ତି । ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଏହାର ଡାକନାମ ତେଲିଆ । ଇଂରାଜୀ ନାମ କ୍ରୋକର ବା ସ୍ପଟେଡ କ୍ରୋକର । ଏହାର ବିଜ୍ଞାନ ନାମ ପ୍ରୋଟନବିଅନ ଡାଇକନଥେସିସ୍। ଧାମରା, କସିଆ, ଦୀଘା ଆଦି ଅଂଚଳରେ ସମୁଦ୍ରରେ ଧରାଯାଇ ଥାଆନ୍ତି ।



ଧାମରା ମାଛଧରା ବନ୍ଦରରେ ବିଭିନ୍ନ ବର୍ଷରେ ଧରା ହୋଇଥିବା ତେଲିଆ ମାଛର ପରିମାଣ କିଛି କମ୍ ନୁହେଁ । ଗଭୀର ସମୁଦ୍ରକୁ ଗିଲନେଟ୍ ଓ ଟ୍ରଲର ନେଇ ଯାଉଥିବା ମତ୍ସ୍ୟଜୀବୀମାନେ ଏହାକୁ ଧରି ଥାଆନ୍ତି । ସ୍ଥାନୀୟ ତଥା ରାଜ୍ୟ ବଜାର ଅପେକ୍ଷା ପଡୋଶୀ ପଶ୍ଚିମବଙ୍ଗ, ହାଉଡ଼ା, ଦୀଘା, ସିଲିଗୁଡି, ଆସାମ ବଜାରକୁ ଏହି ମାଛ ପଠାଇ ମତ୍ସ୍ୟଜୀବୀମାନେ ଲାଭବାନ ହୋଇ ଥାଆନ୍ତି । ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଓ ତହସିଲ ଅଧୀନସ୍ଥ ଧାମରା ମାଛଧରା ଜେଟିର ବିଭିନ୍ନ ମାଛଧରା ବେସ୍‌ରେ ଏମାନଙ୍କୁ କେବେ କେବେ ସମୁଦ୍ରରୁ ଧରା ହୋଇଥାଏ । ଚଳିତବର୍ଷ ଏପରି ୧୦ଟି ମାଛ ଧାମରାରେ ଧରା ହୋଇଥିବା ବେଳେ ଗୋଟିକର ଓଜନ ୨୫ କିଲୋରୁ ବେଶୀ ବୋଲି ଜଣାଯାଇଛି । ଏହି ମାଛକୁ ଦେଖିବାକୁ ଚନ୍ଦନିପାଳ ମାଛଧରା ଜେଟି (ବେସ୍)ରେ ଭିଡ଼ ଜମିଥିଲା। ଏହାକୁ ନିଲାମ ଧରି ବାହାର ରାଜ୍ୟ ବଜାରରେ ବିକ୍ରୀ କରିବାକୁ ମତ୍ସ୍ୟଜୀବୀଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିଥିଲା । ସମୁଦ୍ରରୁ ମିଳୁଥିବା ମାଛମାନଙ୍କ ମଧ୍ୟରେ ଦାମିକା ମାଛ ତେଲିଆ ଶୀଳା ବା ତେଲିଆ । ଏହାକୁ ତରକାରୀ ଅପେକ୍ଷା ଔଷଧୀୟ, ମଦ୍ୟଶିଳ୍ପ ତଥା ମହିଳା ପ୍ରସାଧନ ଶିଳ୍ପରେ ବ୍ୟବହାର ହୋଇଥାଏ ।

ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗରେ ଏମାନେ ସାଧାରଣତଃ ଦେଖାଯାଆନ୍ତି । ବଙ୍ଗୋପସାଗରେ ଏମାନଙ୍କର ପରିମାଣ କିଛି କମ୍ ନୁହେଁ। ଏହି ମାଛ ଗଭୀର ସମୁଦ୍ରରେ ରହୁଥିଲେ ମଧ୍ୟ ଅଣ୍ଡା ଦେବାକୁ ମୁହାଣକୁ ଆସି ଥାଆନ୍ତି ଓ ମତ୍ସ୍ୟଜୀବୀଙ୍କ ଜାଲରେ ପଡିଥାଆନ୍ତି । ଅଧିକ ଦାମ ପାଇଁ ଏହି ମାଛର ହୃତପିଣ୍ଡକୁ ସମୁଦ୍ର ସ୍ୱର୍ଣ୍ଣ କୁହାଯାଏ । ସିଙ୍ଗାପୁର, ମାଲେସିଆ, ଇଣ୍ଡୋନେସିଆ, ହଙ୍ଗକଙ୍ଗ ଓ ଜାପାନରେ ଏହି ମାଛର ଚାହିଦା ଯଥେଷ୍ଟ ରହିଛି। ମାଇମାଛ ଅପେକ୍ଷା ଅଣ୍ଡିରା ମାଛର ଚାହିଦା ଅଧିକ। ଏସିଆ ମହାଦେଶର କେତେକ ଅଂଚଳରେ ପାରମ୍ପରିକ ଟନିକ ପ୍ରସ୍ତୁତିରେ ଏହାର ତେଲ ଓ ଚର୍ବି ଲାଗିଥାଏ । ଏହି ମାଛକୁ ଖଣ୍ଡଖଣ୍ଡ କରି ଟାଣ ଖରା ବଦଳରେ ନରମ ଖରାରେ ଶୁଖାଇ ଏହା ଚର୍ବି ଅଂଶକୁ ସଂରକ୍ଷିତ କରାଯାଇଥାଏ । ଏଥିରୁ କେତେକ କ୍ୟାପସୁଲର ଉପର କୋଷ ତିଆରି ହେବା କଥା ମଧ୍ୟ ଜଣାଯାଇଛି ।











**ଭ୍ରମଣଶୀଳ ମାଛ :** ବମ୍ବେଡକ୍ ମାଛଟି ହୁଏତ କାହାରି ପାଇଁ ଅପରିଚିତ ହୋଇ ନପାରେ । ମାତ୍ର ଏକଥା ହୁଏତ ଅନେକେ ଜାଣି ନଥିବେ ଯେ, ଏହା ହେଉଛି ବୁଲାଟିଆ ମାଛ ବା ଭ୍ରମଣଶୀଳ ମାଛ । ଗୋଟିଏ ସ୍ଥାନରେ ଅଟ୍‌କି ରହିବା ଏମାନଙ୍କ ପକ୍ଷରେ ସହଜରେ ସମ୍ଭବ ହୋଇ ନଥାଏ । ଆରବ ସାଗରରୁ ବଙ୍ଗୋପସାଗର ପୁଣି ବଙ୍ଗୋପ ସାଗରର ଓଡ଼ିଶା ଉପକୂଳ ଧାମରା । ଏହା ଏକ ଅତି ବିଶାଳ ଗତିପଥ । ପ୍ରାୟ ୧୬ ଇଞ୍ଚ ଲମ୍ବର ଏହି ମାଛ ଏତେ ଦୂର କିପରି ଯାତ୍ରାକରେ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ବିଗତ କିଛିବର୍ଷ ହେବ ବିଭିନ୍ନ କାରଣରୁ ଧାମରା ମାଛଧରା ବନ୍ଦରକୁ ଇଲିଶମାନେ ବାଟ ହୁଡିଥିବା ବେଳେ ଅଧିକ ପରିମାଣର ବମ୍ବେଡକ୍ ଆସିବା ନିଶ୍ଚିତ ଭାବରେ ଏକ ଶୁଭ ସୂଚନା । ମୁଖ୍ୟତଃ ପ୍ରଜନନ ସମୟରେ ଆରବ ସାଗରରୁ ବଙ୍ଗୋପସାଗରକୁ ଆସି ଥାଆନ୍ତି। ନଭେମ୍ବରରୁ ଜାନୁଆରି ଶେଷ ପର୍ଯ୍ୟନ୍ତ ସମୁଦ୍ରରୁ ଏହି ମାଛ ଧରାଯାଏ । ଭଦ୍ରକ ଜିଲା ଧାମରାରେ ଏହି ପ୍ରଜାତିର ମାଛ ଦେଖାଯିବାକୁ ନେଇ ବିଭିନ୍ନ କଥା ଶୁଣାଯାଏ । ଯେମିତିକି ସୁନାମୀ ପରେ ବହୁଳ ଭାବେ ଏଠାକୁ ଏମାନଙ୍କର ସୁଅ ଛୁଟିଛି । ସ୍ଥାନୀୟ ଭାଷାରେ ଏହି ମାଛର ଡାକନାମ ନାଉଆ । ଏମାନଙ୍କ ମାଛ ଅପେକ୍ଷା ଶୁଖୁଆର ଯଥେଷ୍ଟ ଚାହିଦା ରହିଛି ଆମ ରାଜ୍ୟ ତଥା ଦେଶ ବାହାରରେ । ଏମାନଙ୍କର ବିଜ୍ଞାନ ନାମ ହାର୍ପଡନ ନେହେରିଅସ ।

ଏମାନେ ପଶ୍ଚିମ ଗୁଜୁରାଟ, ମୁମ୍ବାଇ, ଆରବ ସାଗରର କଚ୍ଛ, ଭାରତ ମହାସାଗରରୁ ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଧରାହୋଇଥାଆନ୍ତି । ଏମାନେ ବଙ୍ଗୋପସାଗରରେ ଅଳ୍ପ ପରିମାଣରେ ଦେଖାଯାଆନ୍ତି । ଏହାର ରଙ୍ଗ ବାଦାମୀ କିମ୍ବା ଧୂସର ହୋଇଥାଏ । ଏମାନଙ୍କ ଶରୀରରେ ଅଧିକ ପରିମାଣର ଜଳ ରହିଥାଏ । ଏହାର ଶରୀର ପତଳା । ଏମାନେ ସର୍ବାଧିକ ୧୬ଇଞ୍ଚ ଲମ୍ବ ପର୍ଯ୍ୟନ୍ତ ବଢ଼ିଥାନ୍ତି। ଏମାନଙ୍କର ପାଟି ବଡ, ଦାନ୍ତ ତୀକ୍ଷ୍ଣ ଓ ମୁନିଆ । ବିଭିନ୍ନ ପ୍ରକାର ଶାମୁକା ଓ ଛୋଟମାଛ ଏମାନଙ୍କର ଖାଦ୍ୟ । ଏଥିରେ ଓମେଗା-୩ ପଲି ଅନସାଚୁରେଟେଡ ଫ୍ୟାଟି ଏସିଡି ଓ ଲିପିଡି ରହିଛି । ପ୍ରତି ୧୦୦ଗ୍ରାମ ବମ୍ବେଡକ୍ ଶୁଖୁଆରେ ୧୯.୧ମିଲିଗ୍ରାମ ଲୌହ ଅଂଶ ରହିଛି । ବମ୍ବେଡକ୍‌ର ନାମକରଣକୁ ନେଇ ଏକ ରୋଚକ କଥା ଶୁଣିବାକୁ ମିଳିଥାଏ । ଇଂରେଜ ଶାସନ କାଳରେ ଆମ ଦେଶରେ ଏହାର ଶୁଖୁଆ ରେଳରେ ପଠାଯାଉଥିଲା । ଏହା ବମ୍ବେ ମେଲ ବା ଡାକ ଗାଡିରେ ଏକା କମ୍ପାର୍ଟମେଣ୍ଟରେ ଯାଉଥିବା ହେତୁ ଅନ୍ୟାନ୍ୟ ଦ୍ରବ୍ୟସାମଗ୍ରୀ ଯଥା- ଖବରକାଗଜ ଓ ଡାକ ଚିଠି ମଧ୍ୟ ଦୁର୍ଗନ୍ଧ କରୁଥିଲା । ଇଂରେଜ ଅଧିକାରୀମାନେ ଏହାକୁ ବମ୍ବେଡାକ୍ ବୋଲି କହୁଥିଲେ । ପରେ ଏହା ଅପଭ୍ରଂଶ ହୋଇ ବମ୍ବେଡକ୍ ହୋଇଥିବା ଅନୁମେୟ । ଏହି ମାଛକୁ ନେଇ ରହିଛି ଏକ କ୍ଷୁଦ୍ର ଇତିହାସ । ରବର୍ଟ କ୍ଲାଇବ ତାଙ୍କର ବେଙ୍ଗଲ ଅଧିକାର ସମୟରେ ପ୍ରଥମକରି ଏହାର ସ୍ୱାଦ ଚାଖିଥିଲେ । ପରେ ଏହା ଉପରେ ପ୍ରଥମେ କର ବସାଇଥିଲେ ।


**ବେଳେ ବେଳେ ଶାଙ୍କୁଚ :** ଶାଙ୍କୁଚକୁ କେହିକେହି ମାଛ ବୋଲି କହୁଥିବା ବେଳେ ଆଉ କେହି ଏହା ସାମୁଦ୍ରିକ ଜୀବ ବୋଲି କହିଥାନ୍ତି। ଏକ ବୃହତ୍ ଠିକିରି (ତାସକାର୍ଡ଼ର ଚିହ୍ନ) ପଛରେ ଗୋଟିଏ ଲମ୍ବା ଦଉଡ଼ି ଭଳି ଲାଞ୍ଜ । ସେଥିଲାଗି ଏହାକୁ ଅନେକେ ମାଛ ବୋଲି କହି ନଥାନ୍ତି । ତେବେ ମତ୍ସ୍ୟଜୀବୀ ତଥା ମତ୍ସ୍ୟ ଗବେଷକଙ୍କ ଦୃଷ୍ଟିରେ ଏହା ଏକ ପ୍ରଜାତିର ମାଛ । ଏହା ଗଭୀର ସମୁଦ୍ରରେ ରହେ । ଖୁବ୍ କମ୍ ମଧୁର ଜଳକୁ ଆସେ । ମୁଖ୍ୟତଃ ଖାଦ୍ୟ ଅନ୍ୱେଷଣରେ ଏହା ମୁହାଣ ନିକଟବର୍ତ୍ତୀ ହୋଇଥାଏ । ଆଉ ସେହି ସମୟରେ ଧୀବରର ଜାଲରେ ଧରା ପଡ଼ିଥାଏ । ଧାମ୍‌ରା ଅଞ୍ଚଳରେ କେବେକେବେ ବୃହତ୍ ଶାଙ୍କୁଚ ମାଛ ଜାଲରେ ପଡିଥିବାର ନଜୀର ରହିଛି । ଏହାକୁ ଧାମରାରୁ ଦୀଘା ଦେଇ ଚୀନକୁ ରପ୍ତାନୀ କରାଯାଏ । ଓଡ଼ିଶାରେ ଶାଙ୍କୁଚ ମାଛକୁ ଖାଦ୍ୟ ଭାବରେ ବ୍ୟବହାର କରାଯାଇଥିବାର ଦୃଷ୍ଟାନ୍ତ ପ୍ରାୟତଃ ନାହିଁ । ତେବେ ଏହାର ଲାଞ୍ଜର ବହୁ ଚାହିଦା ରହିଛି । ତନ୍ତ୍ରଶାସ୍ତ୍ରରେ ଶାଙ୍କୁଚ ଲାଞ୍ଜର ବ୍ୟବହାର କଥା ଉଲ୍ଲେଖ କରାଯାଇଛି । ଲୋକମାନେ ଭୂତପ୍ରେତ ଛଡାଇବା ଓ କୁଦୃଷ୍ଟିରୁ ରକ୍ଷା ପାଇବାକୁ ବ୍ୟବହାର କରନ୍ତି । ତେବେ ଚୀନ୍‌ରେ ଏହାର ସୁପ୍ ଓ ପକୋଡାର ବହୁ ଆଦର ରହିଛି । ଭାରତର ଦାକ୍ଷିଣାତ୍ୟରେ କେତେକ ସ୍ଥାନରେ ଏହାକୁ ଖାଦ୍ୟ ଭାବରେ ବ୍ୟବହାର କରାଯାଇଥାଏ ।


**କେରଳରୁ ମିଳିଲା ବିରଳ ମାଛ :** କେରଳ ଉପକୂଳରୁ ଭାରତୀୟ ଏବଂ ବ୍ରିଟିଶ୍ ଗବେଷକମାନେ ଏକ ବିରଳ ପ୍ରଜାତିର ମାଛ ଠାବ କରିଥିଲେ । ତାହାକୁ ସେମାନେ ସ୍ନେକହେଡ ଫିସ୍ ପ୍ରଜାତିରେ ତାଲିକାଭୁକ୍ତ କରିବା ସହିତ ଏହାର ନାମ ରଖିଥିଲେ 'ଆନିଗ୍‌ମାକାନା ଗୁଲ୍ଲମ୍' । 'ଗୁଲ୍ଲମ' ଶବ୍ଦଟିକୁ ସେମାନେ 'ଦି ଲର୍ଡ଼ ଅଫ୍ ଦି ରିଙ୍ଗ୍‌ସ' ଫିଲ୍ମରୁ ଆଣିଥିଲେ । 'ଗୁଲ୍ଲମ' ଶବ୍ଦଟି ମୁଖ୍ୟତଃ ରହସ୍ୟଜନକ ଜୀବଙ୍କୁ ପ୍ରତିନିଧିତ୍ୱ କରିଥାଏ । ଗବେଷକଙ୍କ କହିବା ଅନୁଯାୟୀ ଯେଉଁ ପ୍ରଜାତିର ମାଛ ଠାବ କରାଯାଇଛି ତାହା ମଧ୍ୟ କିଛି କମ୍ ରହସ୍ୟମୟ ନୁହେଁ । ଏହା ହେଉଛି ସମ୍ପୂର୍ଣ୍ଣ ଏକ ନୂଆ ପ୍ରଜାତିର ମାଛ । ୨୦୧୮ ମସିହାରେ କେରଳରେ ଭୟଙ୍କର ବନ୍ୟା ହୋଇଥିଲା । ବନ୍ୟା ସମୟରେ ମାଛଟି ଉପରକୁ ଚାଲିଆସି ଏକ ଧାନକ୍ଷେତରେ ଆଶ୍ରୟ ନେଇଥିଲା ।

- ଅଶୋକ କୁମାର ପଣ୍ଡା

# ନବନୀତା ଦେବସେନ୍












ଭାରତୀୟ ନାରୀ ଲେଖିକାଙ୍କ ମଧ୍ୟରେ ନବନୀତା ଦେବସେନ୍ ଏକ ଅତି ପରିଚିତ ନାମ। ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଏହି ଲେଖିକା ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ। କଲିକତାର ଏକ ବଙ୍ଗାଳୀ ପରିବାରରେ ୧୯୩୮ ମସିହା ଜାନୁୟାରୀ ୧୩ ତାରିଖରେ ତାଙ୍କର ଜନ୍ମ। ବାପା ନରେନ୍ଦ୍ର ଦେବ ଏବଂ ମା' ରାଧାରାଣୀ ଦେବୀ – ଉଭୟେ ଥିଲେ ସେତେବେଳର ଜଣେଜଣେ ଖ୍ୟାତନାମା କବି। ବାପା ମା'ଙ୍କର ଏହି ସାହିତ୍ୟ ମନସ୍କତା ପିଲାଟି ବେଳୁ ନବନୀତାଙ୍କୁ ପ୍ରଭାବିତ କରିଥିଲା। ଆଉ ସେ ପିଲାଟି ବେଳରୁ ହିଁ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇପଡ଼ିଥିଲେ। ତାଙ୍କର ଆଉ ଏକ ପରିଚୟ– ସେ ନୋବେଲ ବିଜୟୀ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନଙ୍କ ସ୍ତ୍ରୀ।

**ପାଠପଢ଼ା :** ନବନୀତା ତାଙ୍କର ମାତୃଭାଷା ବଙ୍ଗଳାରେ ଶିକ୍ଷା ଆରମ୍ଭ କରିଥିଲେ। ସେ ପ୍ରେସିଡେନ୍ସି କଲେଜ୍‌ରୁ ସ୍ନାତକ ଡିଗ୍ରୀ ହାସଲ କରିଥିବା ବେଳେ କଲିକତାର ଯାଦବପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ଅଧିକ ଅଧ୍ୟୟନ ପାଇଁ ଚାଲିଯାଇଥିଲେ ହାର୍ଭାର୍ଡ ୟୁନିଭର୍ସିଟି। ଇଣ୍ଡିଆନା ୟୁନିଭର୍ସିଟିରୁ ସେ ପିଏଚ୍.ଡି. ହାସଲ କଲେ। ଭାରତର ଭାଷାପ୍ରେମୀମାନଙ୍କ ତାଲିକାରେ ନବନୀତାଙ୍କ ନାମ ରହେ। ମାତୃଭାଷା ବଙ୍ଗଳା ବ୍ୟତୀତ ଇଂଲିଶ, ହିନ୍ଦୀ, ଓଡ଼ିଆ, ଅହମୀୟା, ଫ୍ରେଞ୍ଚ, ଜର୍ମାନ୍, ସଂସ୍କୃତ ତଥା ହିବ୍ରୁ ଭାଷାରେ ତାଙ୍କର ପ୍ରଚଣ୍ଡ ଦକ୍ଷତା ରହିଛି।

**ବିବାହ :** ୧୯୫୯ରେ ସେ ଅମର୍ତ୍ତ୍ୟ ସେନ୍‌ଙ୍କୁ ବିବାହ କଲେ। ଏହି ଦମ୍ପତିଙ୍କ କୋଳରେ ଦୁଇଗୋଟି କନ୍ୟା ସନ୍ତାନ ଜନ୍ମ ହୋଇଥିଲେ। ସେମାନେ ହେଉଛନ୍ତି ଅନ୍ତରା ଦେବ ସେନ୍ ଏବଂ ନନ୍ଦନା ସେନ୍। ତେବେ ୧୯୭୬ରେ ଅମର୍ତ୍ତ୍ୟ ଓ ନବନୀତା ପରସ୍ପରକୁ ଛାଡ଼ପତ୍ର ଦେଇଥିଲେ। ଏହାପରେ ନବନୀତା ଉଚ୍ଚ ଶିକ୍ଷା ପାଇଁ ବିଦେଶ ଚାଲିଯିବା ସହିତ ଜଣେ ଲେଖିକା ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ପ୍ରଚେଷ୍ଟା ଆରମ୍ଭ କରିଦେଲେ। ଆଉ ସେଥିରେ ସେ ସଫଳ ହୋଇଥିଲେ ମଧ୍ୟ।

**ପାଳିତା କନ୍ୟା ସହ ନବନୀତା :** ସମ୍ପ୍ରତି କଲିକତା ହେଉଛି ନବନୀତା ଦେବ ସେନ୍‌ଙ୍କ ସ୍ଥାୟୀ ଠିକଣା। ସେ ତାଙ୍କର ପୈତୃକ ଘର 'ଭାଲୋ-ବାସା'ର ଅନ୍ତେବାସୀ। ସୂଚେଇ ଦିଆଯାଇପାରେ ଯେ, ଏହି ଘରେ ସେ ଜନ୍ମ ହୋଇଥିଲେ। ତେଣୁ ଏହା ତାଙ୍କର ସବୁଠୁ ବେଶି ପ୍ରିୟ। ଏ ଘରେ ତାଙ୍କ ସହିତ ଅଛନ୍ତି ତାଙ୍କର ପାଳିତା କନ୍ୟା ଶ୍ରାବସ୍ତୀ ବସୁ। ଶ୍ରାବସ୍ତୀ ହେଉଛନ୍ତି ନବନୀତାଙ୍କର ଜଣେ ଅତି ଘନିଷ୍ଠ ବନ୍ଧୁଙ୍କ କନ୍ୟା। ବ୍ୟକ୍ତିଗତ ଜୀବନରେ ଶ୍ରାବସ୍ତୀ ଜଣେ ସାମାଜସେବୀ। ସେ ଲେସବିଆନ୍ (ମହିଳା ସମଲିଙ୍ଗୀ) ରାଇଟ୍ସ ଏବଂ ସିଙ୍ଗିଲ ପ୍ୟାରେଣ୍ଟସ୍ ରାଇଟ୍ ଉପରେ କାର୍ଯ୍ୟ କରୁଛନ୍ତି।

**ବିଦେଶରେ ନବନୀତା :** ଜଣେ ଲେଖିକା ତଥା ପ୍ରାଧ୍ୟାପିକା ଭାବରେ ନବନୀତା ମୁଖ୍ୟତଃ ବିଦେଶରେ ହିଁ କାର୍ଯ୍ୟ ଆରମ୍ଭ କରିଥିଲେ। ଆମେରିକା, ଇଟାଲୀ, ଜେରୁଜେଲମ୍ ଆଦି ସ୍ଥାନରେ ସେ ଜଣେ ଘରୋଇ ଲେଖକ ବା ରାଇଟର ଇନ୍ ରେସିଡେନ୍ସ ଭାବରେ କାର୍ଯ୍ୟ କରିଛନ୍ତି। ହାର୍ଭାର୍ଡ, କର୍ନେଲ, ରୁଜର୍ସ, କଲମ୍ବିଆ, ସ୍ମିଥ୍ କଲେଜ୍, ଶିକାଗୋ, ଟରଣ୍ଟୋ, ୟର୍କ ଆଦିରେ ସେ ଭିଜିଟିଂ ପ୍ରଫେସର ଭାବରେ କାର୍ଯ୍ୟ କରିଛନ୍ତି। ଏତଦ୍‌ବ୍ୟତୀତ, ମେକ୍ସିକୋ, ଇଂଲଣ୍ଡ, ଜର୍ମାନୀ, ଫ୍ରାନ୍ସ ଏବଂ ଜାପାନରେ ଜଣେ ପ୍ରଫେସର ଭାବେ ସେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି।

**ସାହିତ୍ୟ କୃତି :** ଏ ଯାବତ୍ ନବନୀତାଙ୍କର ୮୦ରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇଛି। ସେଥିମଧ୍ୟରେ ରହିଛି କବିତା, ଉପନ୍ୟାସ, ଗପ, ନାଟକ, ସାହିତ୍ୟ ସମାଲୋଚନା, ପ୍ରବନ୍ଧ, ଭ୍ରମଣ କାହାଣୀ, ହାସ୍ୟବ୍ୟଙ୍ଗ, ଅନୁବାଦ ଏବଂ ଶିଶୁଲେଖା। 'ପ୍ରଥମ ପ୍ରତ୍ୟୟ' ହେଉଛି ତାଙ୍କର ପ୍ରଥମ ପ୍ରକାଶିତ କବିତା ସଂକଳନ। ଏହା ୧୯୫୯ରେ ପ୍ରକାଶିତ ହୋଇଥିଲା।

## ପୁସ୍ତକ ସମୀକ୍ଷା




### ପହଁରା ଜାଣି ନଥିବା ଝିଅ

କବି : ସରିତା ରଥ, ପ୍ରକାଶକ : ଈଶା ପବ୍ଲିକେଶନ, ଅନ୍ଧେରୀ, ମୁମ୍ବାଇ, ମୂଲ୍ୟ : ୧୫୦/–'ପହଁରା ଜାଣି ନଥିବା ଝିଅ' ହେଉଛି ଏକ କବିତା ସଂକଳନ। ଏହାର କବି ହେଉଛନ୍ତି ସରିତା ରଥ। ଏଥିରେ ଥିବା କବିତାଗୁଡ଼ିକ ଖୁବ୍ ଭାବ ତଥା ଅର୍ଥଦ୍ୟୋତକ। ପ୍ରତ୍ୟେକ କବିତାରେ ଅଛି ଅନ୍ୱେଷା, ପ୍ରବଣତା, ପ୍ରଳୟ ତଥା ସ୍ରୋତମୟତାକୁ ଲଂଘି ନ ପାରିବାର ବ୍ୟାକୁଳତା। ପୁଣି ଏହି ସଂକଳନରେ ଦେଖିବାକୁ ମିଳେ ଏକ ତଲ୍ଲିନତା ଭାବ ଯାହା ପାଠକମାନଙ୍କୁ ପଢ଼ା ଶେଷ କରିବା ପରେ ମଧ୍ୟ ଆଚ୍ଛନ୍ନ କରି ରଖିବ ହିଁ ରଖିବ।

### ଶାମୁକା ଓ ଜହ୍ନରାତି


କବି : ଡ. ସତ୍ୟନାରାୟଣ ମିଶ୍ର, ପ୍ରକାଶକ : ଟାଇମ୍‌ପ୍ଲସ୍, ମାତୃକୃପା, ଭୁବନେଶ୍ୱର, ମୂଲ୍ୟ : ୧୦୦/– ଡ. ସତ୍ୟନାରାୟଣ ମିଶ୍ରଙ୍କ ଦ୍ୱାରା ରଚିତ କବିତା ସଂକଳନ 'ଶାମୁକା ଓ ଜହ୍ନରାତି' ହସ୍ତଗତ ହୋଇଛି। ସଂକଳନର ପ୍ରଥମ କବିତା 'ଚିହ୍ନ ତା'ର ଅଛି କେଉଁଠାରେ'। କବିତାଟି ସାରାଗର୍ଭକ ବିଷୟବସ୍ତୁକୁ ନେଇ ରଚିତ ହୋଇଥିଲେ ମଧ୍ୟ ଏହାର ଆବେଦନ ଖୁବ୍ ମର୍ମସ୍ପର୍ଶୀ। ଅନ୍ୟ କବିତାଗୁଡ଼ିକ ମଧ୍ୟରେ ରହିଛି ଆସ ଅଗ୍ନି ଜାଳିବା, ଆସିଲା ଫଗୁଣ, ତୁ ଯେ ପ୍ରକୃତ ଶ୍ରମଣ, ଦୁନିଆ ତା'ବାଟେ ଚାଲେ ଇତ୍ୟାଦି। ସଂକଳନଟି ପଠନୀୟ।

### ପ୍ରୀତିଶସ୍ୟ

କବି : ଭରତ ଚନ୍ଦ୍ର ଦାଶ, ପ୍ରକାଶକ : ସାରସ୍ୱତ ପ୍ରକାଶନ, ମାର୍କୋଣା,ମୂଲ୍ୟ : ୧୨୦/– ଶହେ ଚାଳିଶଟି ଏକପଦୀକୁ ନେଇ ରଚିତ ହୋଇଛି ଭରତ ଚନ୍ଦ୍ର ଦାଶଙ୍କ କବିତା ସଂକଳନ 'ପ୍ରୀତିଶସ୍ୟ'। ଶହେ ଚାଳିଶ ଏକପଦୀରୁ ଶହେ ତିରିଶଟିରେ କାବ୍ୟ ପୁରୁଷର କଥା କୁହାଯାଇଥିବା ବେଳେ ବାକି ଦଶଟିରେ କାବ୍ୟ ନାୟିକାର କଥା କୁହାଯାଇଛି। ଏଥିରୁ କବିଙ୍କ ପ୍ରେମର ଲମ୍ବ ପ୍ରସ୍ଥ ଓ ଗଭୀରତା ବେଶ୍ ବାରି ହୋଇଥାଏ। ସଂପୃକ୍ତ ଗ୍ରନ୍ଥରେ କାବ୍ୟ ନାୟକ, ନାୟିକାର ଆଖି, ଓଠ, ଚାହାଣି, ଗାଲ ଓ ନିଦା ଯୌବନରେ ମୁଗ୍ଧ। ସଂକଳନଟି ପଠନୀୟତା ଆଶାକରେ।

### ଲୁଚକାଳି ଖେଳ

ମୂଳ ଲେଖକ : ଆଲବେୟର କାମ୍ୟୁ, ଅନୁବାଦ : ମନୋଜ କୁମାର ପଣ୍ଡା, ପ୍ରକାଶକ : ଜିଲା ଲେଖକ ପରିଷଦ, ବଲାଙ୍ଗୀର, ମୂଲ୍ୟ : ୧୦୦/– ହେତୁବାଦୀ ଲେଖକ ଆଲବେୟର କାମ୍ୟୁଙ୍କ ପ୍ରସିଦ୍ଧ ନାଟକ 'କ୍ରସ୍ ପରପଜ୍'। 'ଲୁଚକାଳି ଖେଳ' ହେଉଛି ଏହାର ଅନୁଦିତ ସଂକଳନ। କାମ୍ୟୁଙ୍କର ଏହି ନାଟକଟିକୁ ଓଡ଼ିଆ ଭାଷାରେ ମର୍ମାନୁବାଦ କରିଛନ୍ତି ଓଡ଼ିଶାର ପ୍ରସିଦ୍ଧ ଗାଳ୍ପିକ ମନୋଜ କୁମାର ପଣ୍ଡା। ୧୯୪୪ରେ ନାଟକଟି ପ୍ରଥମେ ଅଭିନୀତ ହୋଇଥିଲା। ଅତି ସରଳ, ନିରାଡମ୍ବର ତଥା ରୋକ୍‌ଠୋକ୍ ସଂଳାପକୁ ନେଇ ନାଟକଟି ଗତିଶୀଳ। ତେବେ ସଂଳାପ ସବୁ ସରଳ ହେଲେ ବି ଅତି ଉଚ୍ଚକୋଟୀର ; ଯାହା ଅନୁବାଦକଙ୍କ ରଚନାରେ ବେଶ୍ ମର୍ମସ୍ପର୍ଶୀ ହୋଇପାରିଛି। ପୁସ୍ତକଟି ଓଡ଼ିଆ ଭାଷାର ବାଣୀଭଣ୍ଡାର ପାଇଁ ଏକ ସମ୍ପଦ ବୋଲି ମନେହୁଏ।







# ନିଃଶ୍ୱାସ

**–ଚିନ୍ମୟ ବାରିକ**

ନିଃଶ୍ୱାସ ଚାଲିଥିବା ଯାଏ
ବିଶ୍ୱାସ ଟିକେ ତ ବଞ୍ଚିରହିଥାଉ,
ଏ ରାତିକ ପାଇଁ।।

ତୁମେ ହୁଅ କି
ନ ହୁଅ
ମୋ ପ୍ରେମର ଅଭିଆଡ଼ି
ଈଶ୍ୱରୀ।।

ତୁମେ ଛୁଅଁ କି ନ ଛୁଅଁ!!
ମୋ ପ୍ରଗାଢ଼ ନିରବତାରେ ଲୁଚିଥିବା
ସାଇତା ବିଭୋରତାର ମାତାଲ ପଣକୁ,
''ଅ'' ଠୁ ''ହ'' ପର୍ଯ୍ୟନ୍ତ।।

ପଲକ ଠୁ ପୁଲକ
ଏମିତି କେତେ ଦୂର କି !

ମୁଁ ଚିରକାଳ ଖୋଜି ବୁଲିବି ତୁମ
ନୟନର ଅର୍ଦ୍ଧବୃତ୍ତ କଳା ଟୋପାକୁ,
ପ୍ରମାଣିତ କରିବାକୁ
ମୋ ପ୍ରେମର ଅବୟବକୁ।।

ଏ ରାତିକ ପାଇଁ
ତୁମେ ସାଜିଯାଅ ମୋ ପାଇଁ ଗଙ୍ଗଶିଉଳି,
ସକାଳ ହେଲେ ଝରିପଡ଼ ହୋଇ ଝରା
ଶେଫାଳି।।

''ନିଃଶ୍ୱାସ ଚାଲିଥିବା ଯାଏ
ବିଶ୍ୱାସ ଟିକେ ତ ବଞ୍ଚି ରହିଥାଉ,
ଏ ରାତିକ ପାଇଁ।।''

*–ବ୍ରାହ୍ମଣଡ଼ିହି, ବାଲିକୁଦା, ଜଗତ୍‌ସିଂହପୁର*



# ଚାକିରି

**– ପବିତ୍ର ବ୍ରହ୍ମପୁତ୍ର ନାୟକ**

ଏକ ଖବର କାଗଜ ସଂସ୍ଥାରୁ ମୁଁ ଚାକିରି ଛାଡି ଦେଇଥିଲି । ତଥାପି ପ୍ରୀତିଶା ମତେ ଭଲ ପାଉଥିଲା । ସେ କେଉଁ ଏକ ସରକାରୀ କଲେଜରେ ଅଧ୍ୟାପିକା ଥିଲା । କବି ଭାବରେ ତା'ର ଅନ୍ୟ ଏକ ପରିଚୟ ମଧ୍ୟ ଥିଲା । ଯଦିଓ ତା'ର କିଛି କବିତା ଛାପିବାରେ ମୋର ହାତ ଥିଲା, ତା'ମାନେ ନୁହଁ ତାକୁ କବି କରିବାରେ ମୁଁ ଥିଲି ଏକମାତ୍ର ବ୍ୟକ୍ତିତ୍ୱ । କେତେଥର କଥାଛଳରେ ପ୍ରୀତିଶା କହିଲାଣି କିଛି ଗୋଟେ କର ହେ! ନ ହେଲେ ଏ ସମାଜ କ'ଣ କହିବ ସ୍ତ୍ରୀ ପଇସାରେ ଚଳୁଛି ଏ ଲୋକଟା । ମୁଁ ତ କହୁଛି ବିଜ୍‌ନେସ୍ କର ଯେତେ ଟଙ୍କା ଖର୍ଚ୍ଚ ହେବ ମୁଁ ଦେବି। କଉ ମାନୁଛ ଯେ ମୋ କଥା, ତା'ଛଡା କିଛି ଗୋଟେ ନ କଲେ ଆମ ଘରେ ରାଜି ହେବେ କେମିତି ତମକୁ। ଶେଷକୁ ମୁଁ ନିଷ୍ପତ୍ତି କଲି ଚାଲିଯିବି ବମ୍ବେ, କିଛି ଗୋଟେ କରିବି ସେଠି ଏଇ ପ୍ରୀତିଶା ପାଇଁ, ମୋ ହୃଦୟ ରାଣୀ ପାଇଁ।

ଏକ କମ୍ପାନୀରେ ଚାକିରି ପାଇଗଲି । ଦରମା ୨୩ ହଜାର, ପୋଷ୍ଟ ଆସିଷ୍ଟାଣ୍ଟ ମ୍ୟାନେଜର । ଚାକିରି ପାଇବା ପରେ ଘରେ ଖୁସି ହେଲେ ପ୍ରୀତିଶା ବି ଖୁସି ହେଲା । ଚାକିରି କରିଥିବାରୁ ପ୍ରୀତିଶାର ଘର ଲୋକେ ରାଜି ହୋଇଗଲେ ତା'ସହ ମୋର ବାହାଘର ହୋଇଗଲା ।

ଏହାର ବର୍ଷକ ପରର ଘଟଣା ଯଦିଓ ମୁଁ ୟା ଭିତରେ ଦୁଇଥର ଓଡିଶା ଆସିଥିଲି ଏଥିରେ ପ୍ରୀତିଶା ସନ୍ତୁଷ୍ଟ ନ ଥିଲା । କହିଲା – '' ମୁଁ ତ ଚାକିରି କରୁଛି । ତମର ଚାକିରି କରିବା କ'ଣ ଦରକାର ଯେ, ଏତେ ଦୂରରେ ରହୁଛ । ଏଇ ଟଙ୍କାକୁ ତ ରଖି ହେଉନି ତମେ ସେଠି ଯାଇ ଖଟୁଛ। ଆଉ ମୁଁ ଏଠି ନିଃସଙ୍ଗ ଜୀବନ ବିତାଉଛି। ଯେତେ ଜଲ୍‌ଦି ପାରୁଛ ଓଡ଼ିଶା ଚାଲିଆସ । ନ ହେଲେ ମୋ ପାଇଁ ଗୋଟେ ଚାକିରି ଯୋଗାଡ଼ କର। ମୁଁ ଏ ଚାକିରି ଛାଡି ସେଠିକି ଚାଲିଯିବି।

*–ରାଜନଗର, କେନ୍ଦ୍ରାପଡ଼*



# ତମେ ଯଦି କହିବ



**–କ୍ଷମାନିଧି ଭୋଇ**

ତମେ ଯଦି କହିବ
ବୋଲିଦେବି
କୃଷ୍ଣଚୂଡ଼ାର ନାଲି ରଙ୍ଗ
ତୁମ କୋମଳ ଓଠେ ।
ଭଅଁର ପରି
ଘୂରି ବୁଲୁଥିବି
ତୁମ ପାଶେ ପାଶେ
ସ୍ନିଗ୍ଧ କରି ଚତୁଃପାର୍ଶ୍ୱ
ମିଠା ମିଠା ପ୍ରୀତି ମହକରେ।
ଖାସ୍ , ତମେ ଯଦି କହିବ... ।

*–ଗୋଷ୍ଠୀ ଉନ୍ନୟନ ଅଧିକାରୀ ,*
*ବଡ଼ଗାଁ , ସୁନ୍ଦରଗଡ଼*



ଅସୀତ-ଅନୁ- ବବି

## ନାୟକର ନାଁ ଦେବଦାସ

ଥରେ ମନେପକାନ୍ତୁନା 'ଦେବଦାସ' ଚରିତ୍ରକୁ। ହିନ୍ଦୀ ସିନେମାରେ ଦିଲୀପ କୁମାର ଏବଂ ଶାହରୁଖ ଖାଁଙ୍କୁ ଏହି ଭୂମିକା କେତେ ମାଇଲେଜ୍ ଦେଇଛି, ତାହା କହିବା ବାହୁଲ୍ୟ। ତେବେ ଏଭଳି ଏକ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ନାୟକର ନାଁ ଦେବଦାସ'। ଉକ୍ତ ଚଳଚ୍ଚିତ୍ରର ଟାଇଟଲ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଅସୀତ। ଏ ବିଷୟରେ ସେ କୁହନ୍ତି, 'ଏପରି ଏକ ଚ୍ୟାଲେଞ୍ଜିଂ ଭୂମିକାରେ ଅଭିନୟ କରିବାକୁ ମୋର ଅନେକ ଦିନର ସ୍ୱପ୍ନ ଥିଲା। ରୋଲ୍‌ଟିକୁ ସଫଳ କରିବାକୁ ବେଶ୍ ପରିଶ୍ରମ କରିଛି ଏବଂ ଆଶା ରଖିଛି ଫିଲ୍ମଟି ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ।' ଅଞ୍ଜନେୟ ମିଡିଆ ବ୍ୟାନରରେ ପ୍ରସ୍ତୁତ କରାଯାଇଥିବା ଏହି ବିଗ୍ ବଜେଟ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶିଶିର ଚନ୍ଦ୍ର ଦାଶ, ପ୍ରଭାତ କୁମାର ପ୍ରଧାନ ଏବଂ କୀର୍ତ୍ତନ ଚନ୍ଦ୍ର ପାତ୍ର। ମୃତ୍ୟୁଞ୍ଜୟ ସାହୁ (ବାପି)ଙ୍କ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ଏଥିରେ ବବି ମିଶ୍ର ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରୁଛନ୍ତି। ଅନ୍ୟପକ୍ଷରେ ଅନୁ ଚୌଧୁରୀ (ଚନ୍ଦ୍ରମୁଖୀ) ଏବଂ ଭୂମିକା ଦାଶ (ପାରୋ)ଙ୍କୁ ମଧ୍ୟ ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଅରୁଣ ମନ୍ତ୍ରୀ ଏବଂ ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ।

## ଠାକୁର ଘରେ କିଏ ନା..

କଥାରେ ଅଛି-'ଠାକୁର ଘରେ କିଏ ନା ମୁଁ କଦଳୀ ଖାଇନି'। ଦେଖୁନାହାନ୍ତି, ନିଜ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଦି'ପଦ କହିବାକୁ ପରିଣିତି ଚୋପ୍ରା କେମିତି ମାପିଚୁପି ପାଦ ପକାଉଛନ୍ତି। ଏ ନେଇ କିଛି ପଚାରିଲେ ପ୍ରଥମେ କିଛି ସମୟ ଭାବୁଛନ୍ତି ତା'ପରେ ଉତ୍ତର ଦେଉଛନ୍ତି। ଏବେ ସେ କୁଆଡ଼େ ସହ-ନିର୍ଦ୍ଦେଶକ ଚରିତ ଦେଶାଇଙ୍କ ପ୍ରେମରେ ମସ୍‌ଗୁଲ। ହେଲେ ଏ ପ୍ରସଙ୍ଗରେ ପଚାରିଲେ ସେ ଚୁପ୍ ରହୁଛନ୍ତି। ଯଦି କେହି ବୁଲେଇ ବଙ୍କେଇ ସେହି କଥାକୁ ପଚାରେ ତେବେ ଏତିକି କହୁଛନ୍ତି ଯେ 'ଆମ ଭିତରେ ଥିବା ବନ୍ଧୁତାକୁ ଅନ୍ୟ ଅର୍ଥ ଦିଆଯାଉଛି। ଏ ବିଷୟରେ ଯଦି ଅଧିକ ଆଲୋଚନା କରା ନ ଯାଏ ତାହା ଭଲ ହେବ। ମୁଁ କାହାକୁ ଭଲ ପାଉଛି ସେ ବିଷୟରେ ସମୟ ଆସିଲେ ଜଣାଇବି। ତରବର ହୋଇ ଏ ବିଷୟରେ କହିବା ମୂର୍ଖାମୀ ହେବ।' ସେପଟେ ଏହି କଥାକୁ ପରିଣିତି ସିନା ଲୁଚାଉଛନ୍ତି, ହେଲେ ପରିଣିତିଙ୍କ ପରିବାରର ପ୍ରତିଟି କାର୍ଯ୍ୟକ୍ରମରେ ଏବେ ଚରିତଙ୍କୁ ଦେଖିବାକୁ ମିଳୁଛି। ଏପରି କି ପ୍ରିୟଙ୍କା ଚୋପ୍ରାଙ୍କ ମ୍ୟାରେଜ ସମୟରେ ସେ ସେଠାରେ ଉପସ୍ଥିତ ଥିଲେ। ତେବେ ପରିଣିତି ଏଭଳି ପ୍ରେମ ସମ୍ପର୍କକୁ କେବେ ସ୍ୱୀକାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ସବୁ ମିଛ

ବେଶ୍ କିଛିଦିନ ଗୋଟିଏ କଥାକୁ ନେଇ ନୀରବତା ଅବଲମ୍ବନ କରିବା ପରେ ଶେଷରେ ଏ ନେଇ କ୍ରିତି ସାନନ୍ ମୁହଁ ଖୋଲିଛନ୍ତି। ଶୁଣିବାକୁ ମିଳୁଥିଲା ଯେ, 'ଲୁକ୍କା ଛୁପି'ର କୋ-ଷ୍ଟାର କାର୍ତ୍ତିକ ଆର୍ଯ୍ୟନଙ୍କ ସହ କ୍ରିତିଙ୍କର କୋଲ୍ଡ ୱାର୍ ଚାଲିଛି। ଏହି ଅଭିନେତାଙ୍କ ସହ ଆଗକୁ କୌଣସି ସିନେମାରେ ଅଭିନୟ କରିବେ ନାହିଁ ବୋଲି ସେ କୁଆଡ଼େ ସଫା ସଫା ମନା କରିଦେଇଛନ୍ତି। ଏ ସବୁ କଥା ଶୁଣିବା ପରେ ଆଶ୍ଚର୍ଯ୍ୟପ୍ରକଟ କରିବା ସହ କିଛି ଦିନ ମୁହଁ ବନ୍ଦକରି ରହିଥିଲେ କ୍ରିତି। ନିକଟରେ ଏ ନେଇ ସଫେଇ ଦେଇ ସେ କହିଛନ୍ତି ଯେ, 'ଆମ ଦୁହିଙ୍କୁ ନେଇ ଯାହାସବୁ ଶୁଣିବାକୁ ମିଳୁଛି ତା' ପଛରେ ଆଦୌ ସତ୍ୟତା ନାହିଁ। 'ଲୁକ୍କା ଛୁପି'ର ଶୁଟିଂ ସମୟରେ ଆମ ଭିତରେ କୌଣସି ମନୋମାଳିନ୍ୟ ହୋଇ ନ ଥିଲା। ଆମକୁ ବଦନାମ୍ କରିବାକୁ କେହି ଏପରି ଅପପ୍ରଚାର କରୁଛି। ଶେଷକୁ ବାଧ୍ୟ ହୋଇ ଏ ନେଇ ସଫେଇ ଦେଉଛି।' ସେ ଅଭିନୟ କରିଥିବା ନୂଆ ସିନେମା 'ଅର୍ଜୁନ ପାଟିଆଲା'ରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି କ୍ରିତି।

## ସତ ହେଲା ଅନୁମାନ

କିଆରା ଆଡ୍‌ୱାନିଙ୍କ ଖୁସି କହିଲେ ନ ସରେ। କାରଣ ସେ ଯାହା ପୂର୍ବାନୁମାନ କରିଥିଲେ ତାହା ସତ ହୋଇଛି। ଏବେ ସେ କେବଳ ଫିଲ୍ମର ନାୟକ ଶାହୀଦ କପୁର ନୁହନ୍ତି, ଏହାର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଆଉ ଫିଲ୍ମଟି ହେଲା 'କବୀର ସିଂ'। ରିଲିଜ୍ ହେବାର ଦିନ କେଇଟା ପରେ ଏହି ଚିତ୍ରଟି ଆଶାତୀତ ସଫଳତା ହାସଲ କରିଛି। ନିକଟରେ ଏହି ଅବସରରେ ସନ୍ଦୀପ ଏକ ଡିନର ପାର୍ଟିର ଆୟୋଜନ କରିଥିଲେ। ଏହି ଅବସରରେ କିଆରା ନିଜ ମନକଥା କହିବାକୁ ପଛାଇ ନ ଥିଲେ। ସେ କହିଥିଲେ, 'ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ସେତେବେଳେ ଫିଲ୍ମଟି ନିଶ୍ଚୟ ହିଟ୍ ହେବ ବୋଲି ପୂର୍ବାନୁମାନ କରିଥିଲି। କେବଳ ସେତିକି ନୁହେଁ, ପାଖାପାଖି ଗୋଟିଏ ବର୍ଷ ମୋ ଭୂମିକା 'ପ୍ରୀତି ସିକ୍କା' ପାଇଁ କମ୍ ପରିଶ୍ରମ କରିବାକୁ ପଡିନାହିଁ। ମୋ ବ୍ୟତୀତ ଶାହୀଦଙ୍କ ରୋଲ୍ 'କବୀର' କୌଣସି ଗୁଣରେ କମ୍ ନୁହେଁ। ଯାହାହେଉ ଦର୍ଶକ ଆମ ପରିଶ୍ରମର ମୂଲ୍ୟ ବୁଝିଛନ୍ତି ଏବଂ ଫିଲ୍ମଟି ମଧ୍ୟ ଭଲ ବିଜନେସ୍ କରୁଛି। ଖାସ୍ କଥା ହେଲା, ତେଲୁଗୁ ଭାଷାରେ ନିର୍ମିତ ତଥା ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ଅର୍ଜୁନ ରେଡ୍ଡି'ର ରିମେକ୍ ହେଉଛି 'କବୀର ସିଂ'।



କ୍ରିତି

ପରିଣିତି

କିଆରା

## ସୁବାସଙ୍କ ସଉକ

ସୁବାସ ଘାଇ। ଜଣେ ପ୍ରଯୋଜକ ଭାବେ ସେ ବେଶ୍ ଖ୍ୟାତି ଅର୍ଜନ କରିସାରିଛନ୍ତି। 'ହିରୋ', 'ରାମଲକ୍ଷ୍ମଣ', 'ଖଲନାୟକ', 'ତାଲ୍' ପରି ଅନେକ ସୁପରହିଟ୍ ସିନେମାର ପ୍ରଯୋଜନା କରିସାରିଛନ୍ତି। ହେଲେ ତାଙ୍କର ଏକ ସଉକ ରହିଛି। ଫିଲ୍ମର ଏକ ଦୃଶ୍ୟ ହେଉ ବା ଗୀତ ଚାଲିଥିବା ବେଳେ ସେ ହଠାତ୍ ଆସି ମୁହଁ ଦେଖାଇ ଦିଅନ୍ତି ଏବଂ ତାହା ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥାଏ। କଥା କ'ଣ କି, ୧୯୬୯ରେ ନିର୍ମିତ ତଥା ରାଜେଶ ଖାନ୍ନାଙ୍କ ଅଭିନୀତ 'ଆରାଧନା'ରେ ସେ ଏକ କେମିଓ ଭୂମିକାରେ ଅଭିନୟ କରିଥିଲେ। ତା'ପରେ ସେ ଏହି ଧାରାକୁ ବଜାୟ ରଖିଥିଲେ।



ସୁବାସ ଘାଇ

## ବୟସ ମାତ୍ର ୧୬

ଡିମ୍ପଲ କାପାଡିଆ। ବଲିଉଡ୍‌ର ଶୋ'ମ୍ୟାନ୍ ଭାବେ ପରିଚିତ ରାଜ କପୁର ତାଙ୍କୁ ନାୟିକା ଭାବରେ ବ୍ରେକ୍ ଦେଇଥିଲେ। ଫିଲ୍ମଟି ଥିଲା ୧୯୭୩ରେ ନିର୍ମିତ 'ବବି'। ତାଙ୍କ ଅପୋଜିଟ୍‌ରେ ନାୟକ ସାଜିଥିଲେ ସେ ସମୟର ରୋମାଣ୍ଟିକ୍ ହିରୋ ରିଷି କପୁର। ସେତେବେଳେ ଡିମ୍ପଲଙ୍କ ବୟସ ଥିଲା ମାତ୍ର ୧୬ ବର୍ଷ। ହେଲେ ତାଙ୍କର ଏହି ବୟସ ସହ ଆଉ ଏକ କଥା ସଂଯୋଗ ରହିଛି। ସେତେବେଳର ଏହି ଗ୍ଲାମର କୁଇନ୍ ରାଜେଶ ଖାନ୍ନାଙ୍କୁ ବିବାହ କରିଥିଲେ ସେହି ୧୬ ବର୍ଷ ବୟସରେ।



ଡିମ୍ପଲ

## ରାଗିଗଲେ ସୋନାକ୍ଷୀ

ଫିଲ୍ମ ଶୁଟିଂ ସମୟରେ ଅନେକ ମଜାଦାର ତଥା ବିସ୍ଫୋରକ ଘଟଣା ଘଟିଥାଏ। ଥରେ ଗୋଟିଏ ହିନ୍ଦୀ ସିନେମାର ଶୁଟିଂ ବେଳେ ଏପରି ଘଟଣା ଘଟିଥିଲା, ଯେଉଁଥିପାଇଁ ଶୁଟିଂ ପାଖାପାଖି ଦୁଇଘଣ୍ଟା ବନ୍ଦ ରହିଥିଲା। ଫିଲ୍ମଟି ହେଲା 'ଲୁଟେରା'। ଏକ ସିକ୍ୱେନ୍ସରେ ରଣବୀର ସିଂ ସୋନାକ୍ଷୀଙ୍କ ଉପରକୁ ଛେପ ପକାଇବାର ଥିଲା। କିନ୍ତୁ ଛେପ ପକାଇବା ସମୟରେ ଅସାବଧାନତାରୁ ତାହା ସୋନାକ୍ଷୀଙ୍କ ମୁହଁରେ ପଡ଼ିଗଲା। ଆଉ ତା'ପରେ ତାଙ୍କର ରାଗ ଦେଖେ କିଏ। ଏହାପରେ ସେ ଶୁଟିଂ ସେଟ୍ ଛାଡ଼ି ଚାଲିଯାଇଥିଲେ। ବହୁତ ବୁଝାଶୁଝା ପରେ ସେ ପୁଣିଥରେ ଶଟ୍ ଦେବାକୁ ଆସିଥିଲେ।



ସୋନାକ୍ଷୀ

ପ୍ରଥମ ରୋଜଗାର

# ଦରମା ଟଙ୍କାରେ ବାପାଙ୍କ ଚିକିତ୍ସା ହେଉଥିଲା



ବରିଷ୍ଠ ବ୍ୟାଙ୍କ ପ୍ରବନ୍ଧକ ତଥା ପ୍ରାବନ୍ଧିକ **ସତ୍ୟନାରାୟଣ ମିଶ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ପୁ**ରୀ ଜିଲା ଚନ୍ଦନପୁର ଥାନା ଅନ୍ତର୍ଗତ ଗଙ୍ଗାନାରାୟଣପୁର ଗାଁରେ ମୋ ଜନ୍ମ। ଭାର୍ଗବୀ ଉଚ୍ଚ ବିଦ୍ୟାଳୟରୁ ୧୯୬୮ରେ ଏକାଦଶ ପାସ୍ କରି ଏସ୍‌ସିଏସ୍ କଲେଜରେ ପଢ଼ିଲି। ସେଠାରୁ ରାଜନୀତି ବିଜ୍ଞାନ ସମ୍ମାନ ରଖି ବିଏ ପାସ୍‌କରି ବାଣୀବିହାରରେ ପିଜି କଲି। ତା'ପରେ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଲରିକାଲ ପୋଷ୍ଟରେ ଚାକିରି ମିଳିଗଲା। ପୋଷ୍ଟିଂ ବରଗଡ଼ରେ ହେଲା। ୧୯୭୫ ମସିହା ଡିସେମ୍ବର ୨୨ରେ ଚାକିରିରେ ଯୋଗଦେଲି। ୬ ଭାଇଭଉଣୀ(୩ ଭାଇ ଓ ୩ ଭଉଣୀ)ଙ୍କ ମଧ୍ୟରେ ମୁଁ ଥିଲି ବଡ଼। ବାପାଙ୍କର ହାଇ ବିପି ଥିଲା। ମୁଁ ଚାକିରି କଲାବେଳକୁ ତାଙ୍କର ବ୍ରେନ୍ ଟ୍ୟୁମର ହୋଇଥିବା କଥା ଜଣାପଡ଼ିଲା। ତେଣୁ ମୋ ଦରମା ଟଙ୍କା ବାପାଙ୍କର ଚିକିତ୍ସା ଓ ଭାଇଭଉଣୀଙ୍କ ପାଠପଢ଼ାରେ ଖର୍ଚ୍ଚ ହେଉଥିଲା। ତା'ସହିତ ମୁଁ ନିଜେ ବି ପଢୁଥିଲି। ମାତ୍ର ୬ ମାସ ବରଗଡ଼ରେ ରହିବା ପରେ ମୟୂରଭଞ୍ଜର ରାସଗୋବିନ୍ଦପୁରକୁ ବଦଳିହେଲା। ସେଠାରେ ପ୍ରାୟ ୪ ବର୍ଷ କ୍ଲରିକାଲ ପୋଷ୍ଟରେ କାମ କରିବା ପରେ ପ୍ରମୋଶନାଲ ପରୀକ୍ଷା ଦେଇ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ବ୍ୟାଙ୍କ ପିଓ ପାଇଲି। ସେହି ସମୟରେ ଆଲ୍ଲାହାବାଦ୍ ବ୍ୟାଙ୍କ ପିଓ ପରୀକ୍ଷାରେ ବି ମୁଁ ସିଲେକ୍ଟ ହୋଇଥିଲି। କିନ୍ତୁ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଯେହେତୁ ୪ ବର୍ଷର ଅଭିଜ୍ଞତା ଥିଲା, ତେଣୁ ସେହି ବ୍ୟାଙ୍କରେ ପିଓ ଭାବେ କାମ କରିବାକୁ ନିଷ୍ପତ୍ତି ନେଇ କଟକ ବ୍ରାଞ୍ଚରେ ଜଏନ୍ କଲି। ସାଢେ ତିନିବର୍ଷ ପରେ ପାରାଦୀପ ବ୍ରାଞ୍ଚକୁ ଡେପୁଟି ମ୍ୟାନେଜର ଏବଂ ତା'ର ୩ ବର୍ଷ ପରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ଅନ୍ତର୍ଗତ ବାଉଁଶଡିହ ବ୍ରାଞ୍ଚକୁ ବ୍ରାଞ୍ଚ ମ୍ୟାନେଜର ହୋଇ ଗଲି। ବାଉଁଶଡିହ ପରେ ଗଞ୍ଜାମ ଜିଲାର ବଡ଼କୋଦଣ୍ଡା ବ୍ରାଞ୍ଚରେ ବି କିଛିବର୍ଷ କାମ କଲି। ତା'ପରେ ସ୍କେଲ୍-୨ ପ୍ରମୋଶନ ପାଇ ପୁରୀ, ବାଲେଶ୍ୱର ତଥା କେନ୍ଦ୍ରାପଡ଼ାର ବଳଦେବ ଜୀଉ ମନ୍ଦିର ବ୍ରାଞ୍ଚରେ କିଛି କିଛି ବର୍ଷ କାମ କରିବା ପରେ ସ୍କେଲ୍-୩ ପ୍ରମୋଶନ ପାଇଲି ଆଉ ଝାଡ଼ଖଣ୍ଡର ଜାମସେଦ୍‌ପୁର ବ୍ରାଞ୍ଚରେ ଯାଇ ଯୋଗଦେଲି। ସେଠି ସାଢେ ତିନିବର୍ଷ କାମ କଲି। ସେଠାରେ ମୋର ଏକ ଆକ୍ସିଡେଣ୍ଟ ହେବାରୁ ନିଷ୍ପତ୍ତି ନେଲି ଆଉ ପ୍ରମୋଶନ ନେବିନି। ତେଣୁ ଜାମସେଦ୍‌ପୁର ପରେ ସମ୍ବଲପୁର ବ୍ରାଞ୍ଚକୁ ପୁଣି ସେହି ବ୍ରାଞ୍ଚ ମ୍ୟାନେଜର ହୋଇ ଆସିଲି। ଏହି ସମୟରେ ୟୁନାଇଟେଡ୍ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ ଓଡ଼ିଶା ଜୋନ୍‌ର ପ୍ରେସିଡେଣ୍ଟ ଭାବେ ମୋତେ ନିର୍ବାଚିତ କରାଯାଇଥିଲା। ସମ୍ବଲପୁରରେ ୩ବର୍ଷ ରହି ଏହି ଦାୟିତ୍ୱ ତୁଲାଇବା ପରେ ଭୁବନେଶ୍ୱର ରିଜିଓନାଲ ଅଫିସ୍‌କୁ ବଦଳିହେଲା, ଯେଉଁଠାରେ ମୋତେ ରିଜିଅନ୍‌ର ଆଡ୍‌ମିନିଷ୍ଟ୍ରେଶନ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଶେଷରେ ଏହିଠାରୁ ୨୦୧୨ ଫେବୃୟାରୀ ୨୯ରେ ଚାକିରିରୁ ଅବସର ନେଇଥିଲି। ଏହି ଚାକିରି କାଳ ଭିତରେ ମୁଁ କଟକରେ ଅବସ୍ଥାପିତ ଥିବାବେଳେ ମଧୁସୂଦନ ଲ' କଲେଜରୁ ଏଲ୍‌ଏଲ୍‌ବି ସାରି ପରେ ବ୍ୟାଙ୍କର ନିର୍ଦ୍ଧାରିତ ସାର୍ଟିଫାଏଡ୍ ଆସୋସିଏଟ୍ ଅଫ୍ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କର୍ସ(ସିଏଆଇଆଇବି) ନାମକ ଏକ କୋର୍ସ କରିଦେଇଥିଲି। ଏହା ଥିଲା ମୋର ଶିକ୍ଷା ତଥା ବୃତ୍ତିଗତ କଥା। ଏବେ ମୁଁ ପୁରୀ ସର୍ବୋଦୟନଗରସ୍ଥିତ ନିଜ ବାସଭବନରେ ଅବସ୍ଥାପନ କରି ଅଲ୍ ଓଡ଼ିଶା ୟୁନାଇଟେଡ୍ ବ୍ୟାଙ୍କ ରିଟାୟର୍ଡ ଅଫିସର୍ସ ଅସୋସିଏଶନର ଭାଇସ୍-ପ୍ରେସିଡେଣ୍ଟ ଦାୟିତ୍ୱ ତୁଲାଇବା ସହିତ ଉକ୍ତ ଅସୋସିଏଶନର କେନ୍ଦ୍ରୀୟ କମିଟି ସଦସ୍ୟ ଅଛି। ତା'ସହିତ ଅନେକ ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ସାହିତ୍ୟିକ ଅନୁଷ୍ଠାନ ସହିତ ସଂଶ୍ଳିଷ୍ଟ ମଧ୍ୟ ଅଛି। ସାରସ୍ୱତ ସାଧନା ତଥା ଜଗନ୍ନାଥ ତତ୍ତ୍ୱ ସମ୍ବନ୍ଧରେ ଗବେଷଣାକରି ଅନେକ ପ୍ରବନ୍ଧ ବି ଲେଖିଛି, ଯାହା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇସାରିଛି। ବିଦେଶ ଭ୍ରମଣରେ ଯାଇ ନୂଆ ନୂଆ ଜ୍ଞାନ ଆହରଣ କରିବାରେ ବି ମୋର ରୁଚି ରହିଛି। ପ୍ରାୟ ୧୮ଟି ବିଦେଶ ରାଷ୍ଟ୍ର ଭ୍ରମଣକୁ ନେଇ ୯ଟି ଭ୍ରମଣ କାହାଣୀ ପୁସ୍ତକ ମୋର ପ୍ରକାଶିତ ହୋଇଛି। ତନ୍ମଧ୍ୟରୁ 'ଚାଇନାରେ ଆଠଦିନ', 'ବିଦେଶ ମାଟି' (ସିଙ୍ଗାପୁର, ମାଲେସିଆ, ଥାଇଲାଣ୍ଡ ଉପରେ ପର୍ଯ୍ୟବସିତ), 'ନେପାଳ ଦର୍ଶନ', 'ସ୍ୱପ୍ନର ଆମେରିକା', 'ତୁଷାର କନ୍ୟା' (ଭୁଟାନ ଉପରେ), 'ଦରିଆ ପାରି' (ୟୁରୋପର ୯ଟି ଦେଶ ଏବଂ ଓମାନ୍ ଉପରେ) ଇତ୍ୟାଦି ହେଉଛି ଭ୍ରମଣ କାହାଣୀ ପୁସ୍ତକ ଏବଂ 'ଶ୍ରୀ ଦାରୁବ୍ରହ୍ମଙ୍କ ନବକଳେବର', 'ଚାରିଧାମ' (ବଦ୍ରିନାଥ, ରାମନାଥ, ଦ୍ୱାରକାନାଥ, ଜଗନ୍ନାଥ), 'ଜ୍ୟୋତିର୍ଲିଙ୍ଗ ଦର୍ଶନ' (ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ) ଇତ୍ୟାଦି ହେଉଛି ଆଧ୍ୟାତ୍ମିକ ଭ୍ରମଣ କାହାଣୀ ପୁସ୍ତକ। ତେବେ ଏହିସବୁ ଲେଖା ପାଇଁ ଅନେକ ଅନୁଷ୍ଠାନ ମୋତେ ସମ୍ମାନିତ ମଧ୍ୟ କରିଛନ୍ତି। ତା'ଛଡ଼ା ନନା, ବୋଉଙ୍କ ନାଁରେ ହୋଇଥିବା ହରଗୌରୀ ପାଉଣ୍ଡେଶନ ତରଫରୁ ପ୍ରତିବର୍ଷ ଆମ ଗାଁ ହାଇସ୍କୁଲର ନବମଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ଦେବା ସହିତ ସେମାନଙ୍କର ଅନ୍ୟାନ୍ୟ ଗଠନମୂଳକ କାର୍ଯ୍ୟରେ ସଂଶ୍ଳିଷ୍ଟ ହୋଇପାରୁଥିବାରୁ ଖୁବ୍ ଆତ୍ମଶାନ୍ତି ମିଳୁଛି। ଆଉ ଏସବୁ ମୋ କଠିନ ପରିଶ୍ରମ, ସଂଚାଳିତ ଜୀବନଯାପନ ତଥା ଶ୍ରୀଜଗନ୍ନାଥଙ୍କ କରୁଣାରୁ ହିଁ ସମ୍ଭବ ହୋଇପାରିଛି।

**-ଅନ୍ୱିତା**

# ସ୍ୱପ୍ନ ସୁନ୍ଦରୀର ବାଙ୍କ ଚାହାଣି, ତହିଁରେ ଲୁଚିଛି ପ୍ରେମ କାହାଣୀ



ସାଥୀ

**ପ୍ରଶ୍ନ**-ଜଣେ ସୁନ୍ଦରୀ ସବୁବେଳେ ମୋ ସ୍ୱପ୍ନରେ ଆସୁଛି। ତାହାର ଚୋରା ଚାହାଣିରେ ମୁଁ ଘାଇଲା। ହେଲେ ତାକୁ କେମିତି ପ୍ରେମ ନିବେଦନ କରିବି କହିବେ କି ସାଥୀ ?

*-ପ୍ରଦୀପ୍ତ ଦାସ, ବାଙ୍କୀ, କଟକ*

**ଉତ୍ତର:** 'ସ୍ୱପ୍ନ ସୁନ୍ଦରୀର ବାଙ୍କ ଚାହାଣି, ତହିଁରେ ଲୁଚିଛି ପ୍ରେମ କାହାଣୀ।' ହେଲେ ସେହି ସୁନ୍ଦରୀକୁ ସ୍ୱପ୍ନରେ ନୁହେଁ ବାସ୍ତବତାରେ ପ୍ରେମ କଲେ କିଛି ଫଳ ମିଳିବ। ସପନ ରାଇଜର ରଙ୍ଗିନ ଦୁନିଆରେ ଘୂରି ବୁଲିଲେ ଲାଭ ନାହିଁ। କାରଣ ତାହା ଏକ କଳ୍ପନା ଦୁନିଆ। ଅବାସ୍ତବତା ସେଥିରେ ଭରି ରହିଛି। ତେଣୁ ବାସ୍ତବ ଦୁନିଆକୁ ଆସି ଠିକ୍ ସେହିପରି ଜଣେ ସୁନ୍ଦରୀକୁ ସାହସର ସହ ପ୍ରେମ ନିବେଦନ କରନ୍ତୁ। ଯଦି ସେପଟୁ ଗ୍ରୀନ ସିଗନାଲ ମିଳିଗଲା, ଜାଣିନିଅନ୍ତୁ ଯେ ଆପଣଙ୍କ ମିଶନ ସକ୍‌ସେସ ହୋଇଛି।

**ପ୍ରଶ୍ନ**-ପ୍ରେମିକା ଧୋକା ଦେଇ ଚାଲିଗଲା ପରେ ମନଟା ପିତା ପିତା ଲାଗେ କାହିଁକି ?

*-ସୁମନ ସାହୁ, ପୁରୀ*

**ଉତ୍ତର:** ଧୋକା ଖାଇଲେ ପ୍ରେମ ଆଉ କ'ଣ ମିଠା ଲାଗନ୍ତା ? ଧୋକା ପରା ଏମତି ଏକ ଚିଜ, ଯାହା ଯେତେ ମନେ ପଡ଼ିବ ମନ ଭିତରେ କୁହୁଳି କୁହୁଳି ଜଳୁଥିବା ବିରହ ନିଆଁ ସେତେ ଜୋର୍‌ରେ ଜଳିବ। କାରଣ ଧୋକା ପ୍ରେମର ଟେଷ୍ଟ ସବୁବେଳେ ପିତା। ତେଣୁ ଯଦି ପୁରୁଣା ପ୍ରେମ ଆଉ ପ୍ରେମିକାକୁ ଗୁଡ୍‌ବାଏ କହି ନୂଆ ଦୁନିଆରେ ବଞ୍ଚିବାକୁ ଚାହୁଁଛନ୍ତି ତେବେ ସେହି ପ୍ରେମକୁ ଏକ ଅତୀତ ଭାବି ଭୁଲିଯାଆନ୍ତୁ।

**ପ୍ରଶ୍ନ**-ମୁଁ ଏବେ ଶାଳୀ ପ୍ରେମରେ ବାୟା। ମୋତେ ତା' ବ୍ୟତୀତ ଆଉ କିଛି ଦେଖାଯାଉନି। କ'ଣ କରିବି ?

*-ଦିବ୍ୟ, ସୋରୋ, ବାଲେଶ୍ୱର*

**ଉତ୍ତର:** ଯେଉଁ ରାସ୍ତାରେ ପାଦ ଦେଇଛନ୍ତି ତାହା ଦିନେ ନା ଦିନେ ଆପଣଙ୍କ ବୈବାହିକ ଜୀବନକୁ ଏମିତି ସ୍ଥାନକୁ ଟାଣିନେବ, ସେଠାରେ ରହି ଆପଣ ନିଜ ଭୁଲ ପାଇଁ ଛାତି ଫଟାଇ ଯେତେ ଚିତ୍କାର କଲେ ମଧ୍ୟ ତାହା କାହାକୁ ଶୁଣାଯିବ ନାହିଁ। ଏଭଳି ମାନସିକତାର ପରିବର୍ତ୍ତନ କରନ୍ତୁ। ନ ହେଲେ ନିଜର ଭବିଷ୍ୟତ ଏପରି ରକ୍ତାକ୍ତ ହେବ ଯେ ଯେତେ ଅନୁତାପ କଲେ ତାହା ତା' ପାଇଁ କମ୍ ହେବ।

**ପ୍ରଶ୍ନ**-ଜଣେ ଝିଅ ମୋତେ ଦେଖି ସବୁବେଳେ ହସିଲା। ଥରେ ସୁବିଧା ଦେଖି ତାକୁ ମୋ ମନ କଥା କହିଲି। ଆମ ଭିତରେ ପାଖାପାଖି ୨-୩ ମାସ ପ୍ରେମ ଚାଲିବା ପରେ ଏବେ ତାହାର ବ୍ୟବହାର ମୋତେ କେମିତି କେମିତି ଲାଗୁଛି। କ'ଣ କରିବି ?

*-ଗୋପାଳ ପ୍ରଧାନ, ରାଉରକେଲା*

**ଉତ୍ତର:** ଆପଣଙ୍କ ପ୍ରେମ ଆରମ୍ଭରୁ ଭାରି ମିଠା ଲାଗୁଥିଲା। ଯଦି ଏବେ ସେହି ପ୍ରେମିକାର ହାବଭାବ ଅଲଗା ଲାଗୁଛି ତେବେ ଧରିନିଅନ୍ତୁ ଯେ ଆପଣ କିଛି ମାସ ଧରି କେବଳ ରଂ ନମ୍ବର ଡାଏଲ କରୁଥିଲେ। ଯଦି ସେ ପ୍ରେମିକା ନିଜର ମନୋଭାବରେ ପରିବର୍ତ୍ତନ କରି ଆପଣଙ୍କୁ ଆଦରି ନେଲା ତେବେ ଠିକ୍ ଅଛି, ପୁଣି ଥରେ ପ୍ରେମ ଗାଡି ଆଗକୁ ଗଡିବ। ଯଦି ତାହାର ଏଭଳି ମାନସିକତା ସେହିପରି ରହେ ତେବେ ଏହାକୁ ପ୍ରେମ ନୁହେଁ ମରୀଚିକା ବୋଲି ଧରିନେଲେ କିଛି ଭୁଲ ହେବ ନାହିଁ।

# ଗ୍ରୀନ୍ ପାରିକୁଦ ଅଭିଯାନରେ ହିମାଂଶୁ




ଚିଲିକା ଓ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ସର୍ବଦା ବନ୍ୟା,ବାତ୍ୟାପରି ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ରହିଥାଏ। ବିଭିନ୍ନ ସମୟରେ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟରେ ଏହି ଅଞ୍ଚଳରେ ବୃକ୍ଷଗୁଡ଼ିକର ବ୍ୟାପକ କ୍ଷୟକ୍ଷତି ଯୋଗୁ ଦିନକୁ ଦିନ ବୃକ୍ଷଲତା କମିବାରୁ ପରିବେଶ ସନ୍ତୁଳନରେ ବାଧା ସୃଷ୍ଟି ହେଉଛି । । ଏପରିସ୍ଥିତିରେ ପରିବେଶକୁ ସବୁଜ ସୁନ୍ଦର କରିବାର ଚିନ୍ତା ଘାରିଛି ଜଣେ ଯୁବକଙ୍କୁ । ମାତ୍ର ପିଲାଟି ଦିନରୁ ତାଙ୍କର ବିଭିନ୍ନ ବୃକ୍ଷରୋପଣ କରିବା ଅଭ୍ୟାସ ରହିଛି । ବୃକ୍ଷରୋପଣ କରି ସେ ସବୁଜ ଦୁନିଆ ଗଢ଼ିବାର ପ୍ରୟାସ ଜାରି ରଖିଛନ୍ତି। ତାଙ୍କ ଗାଁ ଚିଲିକା ଅଞ୍ଚଳରେ । ସେ ହେଲେ ହିମାଂଶୁ ଶେଖର ନାୟକ। ପିତାଙ୍କ ନାମ ଉପେନ୍ଦ୍ର ନାୟକ। ମା’ ସୂର୍ଯ୍ୟମଣି। ଘର ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋମୁଣ୍ଡିଆ ଗାଁରେ, ଏକ ସାଧାରଣ ଚାଷୀ ପରିବାରରେ ତାଙ୍କର ଜନ୍ମ। ଏବେ ସେ ଛତିଶଗଡ଼ରେ ଆକ୍ସିସ୍ ବ୍ୟାଙ୍କର ଶାଖା ପରିଚାଳକ ଭାବେ କାର୍ଯ୍ୟରତ। ମାତ୍ର ଗାଁକୁ ଆସିଲେ ଗ୍ରାମର ଯୁବକଙ୍କୁ ନେଇ ପରିବେଶ ସୁରକ୍ଷା ସମ୍ପର୍କରେ ବିଭିନ୍ନ ପଦକ୍ଷେପ ନେଇଥାନ୍ତି। ସେ କୁହନ୍ତି, ୨୦୧୩ ମସିହା ଫାଇଲିନରେ ଯେତେବେଳେ ଗାଁକୁ ଆସିଥିଲି ସେହି ସମୟରେ ଦେଖିଲି ଚାରିଆଡ଼ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଗଛଲତା ଉପୁଡ଼ି ଭାଙ୍ଗି ନଷ୍ଟ ହୋଇଯାଇଛି କିନ୍ତୁ ଏପରି ବିପଦରୁ ପ୍ରାଣୀ ଜଗତକୁ ବୃକ୍ଷଗୁଡ଼ିକ ଯୋଦ୍ଧା



ପରି ସୁରକ୍ଷା ଦେଇଥାଏ। ମାତ୍ର ଏପରି ପରିସ୍ଥିତି ଦେଖି ଦୁଃଖ ଅନୁଭବ କରିଥିଲି ଏବଂ ବୃକ୍ଷରୋପଣ ପାଇଁ ଚିନ୍ତା ବି କରିଥିଲି। ୨୦୧୫ ମସିହାରେ ମୋ ପୁଅର ଜନ୍ମଦିନରେ ଭୋଜିଭାତରେ ବିଶେଷ ଅର୍ଥଖର୍ଚ୍ଚ ନ କରି ଗଛଲଗାଇବା ଏକ ପୁଣ୍ୟ କାର୍ଯ୍ୟ ମନେକରି ପ୍ରାୟ ୧ଲକ୍ଷଟଙ୍କା ଖର୍ଚ୍ଚରେ ବିଭିନ୍ନ ଫଳଗଛ ଆଣି ଲୋକଙ୍କୁ ବାଣ୍ଟିବା ସହିତ ନିଜେ ବି ଗଛ ଲଗାଇଥିଲି । ନିକଟସ୍ଥ ଗୁରୁବକା, ସାମନ୍ତରାପୁର, ସାନଅଁଳ, ତିତିପ, ବଡ଼ଝାଡ଼, ନୂଆଗାଁ, ଝାରକଟା, ପଥରକଟା, ଅଁଳାକୁଦ, କୁରୁପାଳ, ମର୍ଦ୍ଦରାଜପୁର, ସିପିଆ, ଗୁରୁବାଇ, ଭବାନୀପୁର, ଜହ୍ନିକୁଦ, ଅଲଣ୍ଡା ଆଦି ପ୍ରାୟ ୨୫ ଖଣ୍ଡଗାଁ ଓ ୩୦ଟି ସ୍କୁଲରେ ପ୍ରାୟ ୫୦ହଜାର ଗଛ ଲଗାଇବା ଓ ଲୋକଙ୍କୁ ଚାରା ବଣ୍ଟନର ପଦକ୍ଷେପ ନେଇଥିଲି। ସେଥିରୁ ପ୍ରାୟ ୨୦ହଜାର ଗଛ ବଞ୍ଚି ରହିଛି। ଏପରି ୫ବର୍ଷ ମଧ୍ୟରେ ପ୍ରାୟ ୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। କେତେକ ଉତ୍ସାହୀ ଯୁବକଙ୍କୁ ନେଇ ‘ଗ୍ରୀନ ପାରିକୁଦ ଅଭିଯାନ’ ଆରମ୍ଭ କରିଛି । ଏହି ଅଭିଯାନକୁ ସାଧାରଣରେ ଉତ୍ସାହିତ କରାଯାଇଥିଲା। ପ୍ରତିବର୍ଷ ଏପ୍ରିଲ ୧ରୁ ୧୪ତାରିଖ ମଧ୍ୟରେ ବୃକ୍ଷରୋପଣ ପାଇଁ ଆମ୍ବ, ନିମ, ପଣସ, ଲେମ୍ବୁ, ପିଜୁଳି, ଡାଳିମ୍ବ, କମଳା, ବେଲ, ଦେବଦାରୁ ଆଦି ବିଭିନ୍ନ ଚାରାକୁ ଅଟୋରିକ୍ସାରେ ଆଣି ଗାଁଗୁଡ଼ିକରେ ମାଗଣାରେ ବଣ୍ଟନ କରାଯାଇଛି। ସ୍ଥାନୀୟ ସ୍କୁଲ, ଗାଁ ରାସ୍ତା କଡ଼ ଓ ପଡ଼ିଆ ଜାଗାରେ ବୃକ୍ଷରୋପଣ କରାଯାଇ ତା’ର ସୁରକ୍ଷା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜଙ୍ଗଲ ବିଭାଗ କର୍ମଚାରୀମାନେ ବି ସହଯୋଗ କରିଥାନ୍ତି। ଚଳିତବର୍ଷ ନିଜ ବାରିରେ ପକାଇଥିବା ପ୍ରାୟ ୧୫ହଜାର ଲେମ୍ବୁ, ବେଲ, ଅଁଳା, ହରିଡ଼ା, ବାହାଡ଼ା ଆଦି ଚାରା ଲୋକଙ୍କୁ ବଣ୍ଟନ କରାଯାଇଛି । ତିତିପ ଚାରି ଛକଠାରେ ସ୍କୁଲପିଲାଙ୍କ ମଧ୍ୟରେ ଏକ ଗ୍ରୀନ ମାରାଥନ କାର୍ଯ୍ୟକ୍ରମ କରାଯାଇଥିଲା। ଏବେ ବୃକ୍ଷରୋପଣ ଏକ ସଂକଳ୍ପରେ ପରିଣତ ହୋଇଛି ।

**-ବନବିହାରୀ ବେହେରା, କୈଳାସ ପଟ୍ଟନାୟକ**





# ୧୨ ବର୍ଷ ପରେ ମିଳିଲା ମୁଦି

ବ୍ରିଟେନ୍‌ରେ ରହୁଥିବା ଅବିଗେଲ୍ ଥମ୍ପସନ୍ ନାମ୍ନୀ ଜଣେ ୨୦ ବର୍ଷୀୟା ଯୁବତୀ ଦୀର୍ଘ ୧୨ ବର୍ଷ ବ୍ୟବଧାନ ପରେ ତାଙ୍କର ହଜିଯାଇଥିବା ମୁଦି ପାଇବାରେ ସଫଳ ହୋଇପାରିଛନ୍ତି। କିନ୍ତୁ ମୁଦିଟି କେମିତି ହଜିଥିଲା ଆଉ ତାକୁ ସେ କେମିତି ପାଇଲେ, ସେ ଘଟଣାଟିକୁ ବର୍ଣ୍ଣନା କଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ। ସୂଚନାନୁଯାୟୀ, ଅବିଗେଲ୍‌ଙ୍କୁ ଯେତେବେଳେ ମାତ୍ର ୮ ବର୍ଷ ବୟସ ହୋଇଥିଲା, ତାଙ୍କୁ ତାଙ୍କ ମା’ ଏକ ସୁନାମୁଦି ଗିଫ୍ଟ କରିଥିଲେ। କିନ୍ତୁ କିଛିଦିନ ପରେ ହଠାତ୍ ସେ ମୁଦିଟି କେଉଁଠି ହଜିଗଲା। ବହୁ ଖୋଜିବା ପରେ ବି ମିଳିଲାନି। ଘରଲୋକ ଭାବିଲେ, ଅବିଗେଲଙ୍କର କେହି ସାଙ୍ଗ ବୋଧେ ସେହି ମୁଦିଟିକୁ ଚୋରିକରି ନେଇଯାଇଛି। ଏମିତି ସମୟ ଗଡ଼ିଚାଲିଲା। ଅବିଗେଲ ବଡ଼ହୋଇ ଜଣେ ବ୍ୟୁଟିସିଆନ୍ ଭାବେ କ୍ୟାରିୟର କରିବାକୁ ଲାଗିଲେ। କିନ୍ତୁ ଏଇ କିଛିଦିନ ତଳେ କୌଣସି କାରଣବଶତଃ ତାଙ୍କର ଖୁବ୍ ଛିଙ୍କ ହେଲା। ଲଗାତର ସେ ଛିଙ୍କି ଚାଲିଲେ। ଏହି ଛିଙ୍କିବା ଯୋଗୁ ହଠାତ୍ କ’ଣ ଗୋଟେ ତାଙ୍କ ନାକରୁ ଛିଟିକି ଯାଇ ତଳେ ପଡ଼ିଗଲା। ଅବିଗେଲ୍ କିଛି ବୁଝିପାରିଲେନି। ତଳେ ପଡ଼ିଥିବା ସେହି ଜିନିଷଟିକୁ ଉଠାଇ ତାକୁ ନିରେଖି ଦେଖିବାରୁ



ତାହା ତାଙ୍କର ସେହି ହଜିଯାଇଥିବା ମୁଦି ବୋଲି ସେ ଜାଣିଲେ। କାରଣ ଏତେବର୍ଷ ନାକ ଭିତରେ ରହିଥିବାରୁ ମୁଦିର ରଙ୍ଗ ଟିକେ ଫିକା ପଡ଼ିଯାଇଥିଲା। ଆଶ୍ଚର୍ଯ୍ୟ ହୋଇଗଲେ ଘରଲୋକ। ଏହା କେମିତି ସମ୍ଭବ ହେଲା। ଏ ନେଇ ଜଣେ ବରିଷ୍ଠ ପ୍ଲାଷ୍ଟିକ୍ ସର୍ଜନଙ୍କ ପରାମର୍ଶ ନେବାରୁ ସେ କହିଲେ, ‘ପିଲାମାନେ ଅସାବଧାନତାବଶତଃ ବେଳେବେଳେ ଏମିତି ଅନେକ ଜିନିଷ ନାକ, କାନ ଓ ପାଟିରେ ପୂରାଇ ଦେଇଥାନ୍ତି। ଅବିଗେଲଙ୍କ କ୍ଷେତ୍ରରେ ବି ସେୟା ହିଁ ଘଟିଛି। ହୁଏତ ସେତେବେଳେ ଅବିଗେଲଙ୍କ ନାକ ଛୋଟ ଥିବାରୁ ମୁଦିଟି ତାହା ଭିତରେ ଜାମ୍‌ହୋଇ ରହିଯାଇଥିଲା। ଆଉ ଏବେ ନାକ ଟିକେ ବଡ଼ ହୋଇଯାଇଥିବାରୁ ବାରମ୍ବାର ଛିଙ୍କିବା ଦ୍ୱାରା ମୁଦିଟି ନାକରୁ ଖସିଆସିଲା। ତଥାପି ଆଶ୍ଚର୍ଯ୍ୟ ଲାଗୁଛି ଏତେବର୍ଷ ଧରି ମୁଦିଟି ଅବିଗେଲଙ୍କ ନାକ ଭିତରେ ରହିଥିଲେ ବି ସେ କେମିତି ଏ କଥା ଜାଣିପାରିଲେ ନାହିଁ। ଆଉ ନିଃଶ୍ୱାସପ୍ରଶ୍ୱାସ ଛାଡିବା ନେବାରେ ତାଙ୍କୁ କେମିତି ଅସୁବିଧା ହେଲାନାହିଁ।’ ତେବେ ସେ ଯାହାହେଉ ଏତେ ବର୍ଷ ପରେ ହଜିଯାଇଥିବା ମୁଦିଟି ପାଇ ଅବିଗେଲ ଯେତିକି ଖୁସି, ତା’ଠାରୁ ଅଧିକ ଖୁସି ହେଉଛନ୍ତି ତାଙ୍କ ପରିବାର ଲୋକେ ଅବିଗେଲଙ୍କୁ ସୁସ୍ଥରେ ଦେଖି।

# ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଅମ୍ବିକା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ହାଃ ହାଃ

## ଖାଇବୁ

ମା' ପୁଅକୁ- ସେଓ ଖାଇବୁ?
ପୁଅ- ନା।
ମା'- କମଳା ଖାଇବୁ?
ପୁଅ- ନା।
ମା'- କଦଳୀ ଖାଇବୁ?
ପୁଅ- ନା।
ମା'-ଇଏ ପୂରା ତା' ବାପା ଭଳି ହେଇଛି। କେବଳ ଚପଲ ମାଡ଼ ହିଁ ଖାଇବ।


## ଗରମ

ଜଜ୍ ଚୋରକୁ- ତମେ ପୋଲିସ ଅଫିସରଙ୍କ ପକେଟରେ ଜଳନ୍ତା ଦିଆସିଲି କାଠି କାହିଁକି ରଖିଲ?
ଚୋର- ସିଏ ହିଁ ତ କହିଥିଲେ କି, ବେଲ୍ ପାଇଁ ପ୍ରଥମେ ମୋ ପକେଟ ଗରମ କରିବାକୁ ହେବ।


## ମଟର

ସ୍ତ୍ରୀ- ହେଇଟି ଶୁଣୁଛ, ଦୁଇ କିଲୋ ମଟର ନେଇ ଯାଉଛି।
ସ୍ୱାମୀ- ହଉ ନେଇଆସ।
ସ୍ତ୍ରୀ- ମୁଁ ତୁମ ପରମିଶନ୍ ମାଗୁନି। ପଚାରୁଛି ଯେ, ଏତିକି ମଟର ଚୋପା ଛଡେଇ ପାରିବ ନା କମ୍ ନେବି।

# ଯୋଗ ଜଳପ୍ରପାତ









କର୍ଣ୍ଣାଟକର ସାଗର ନାମକ ସ୍ଥାନରେ ଥିବା ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ଯୋଗ ଜଳପ୍ରପାତ ପରିଚିତ। ସ୍ଥାନୀୟ ଯୋଗ ନାମକ ଏକ ଗାଁର ନାମାନୁସାରେ ଏହି ଜଳପ୍ରପାତର ଏପରି ନାମକରଣ ହୋଇଥିବା ଅନୁମାନ କରାଯାଏ। ସରାବତୀ ନଦୀ ଧାରରୁ ସୃଷ୍ଟି ହୋଇଥିବା ଏହି ଜଳପ୍ରପାତଟି ଅନ୍ୟଦିନ ତୁଳନାରେ ବର୍ଷାଦିନେ ଅଧିକ ଆକର୍ଷଣୀୟ ଲାଗିଥାଏ। କାରଣ ବର୍ଷାଦିନେ ଏଥିରେ ଜଳର ପ୍ରବାହ ଖୁବ୍ ଜୋର୍‌ରେ ରହିଥାଏ। ନଚେତ୍ ଅନ୍ୟ ଦିନରେ ଏହା ଖୁବ୍ ସରୁ ଧାରରେ ପାହାଡ ଉପରୁ ଝରୁଥିବାର ଦେଖିବାକୁ ମିଳିଥାଏ। ଖାସ୍ ସେଥିପାଇଁ ତ ବର୍ଷାଦିନେ ଏଠାରେ ପର୍ଯ୍ୟଟକଙ୍କ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ।

### କେବେ ଯିବେ

ଏଠାକୁ ବର୍ଷର ଯେକୌଣସି ସମୟରେ ବୁଲିଯିବାର ସୁବିଧା ରହିଛି। କିନ୍ତୁ ଅନ୍ୟ ଦିନରେ ଏହି ପ୍ରପାତରେ ଜଳର ପ୍ରବାହ ସାମାନ୍ୟ କ୍ଷୀଣ ରହୁଥିବାବେଳେ ବର୍ଷାଦିନେ ଜଳାଧିକ ଯୋଗୁ ଜଳପ୍ରବାହ ଖୁବ୍ ଜୋର୍‌ରେ ରହିଥାଏ, ଯାହା ଦେଖିବାକୁ ଆକର୍ଷଣୀୟ ଲାଗିଥାଏ। ସେଥିପାଇଁ ଅନେକେ ବର୍ଷାଦିନେ ଏଠାକୁ ଯାଇ ଯୋଗ ଜଳପ୍ରପାତର ଏହି ଅପୂର୍ବ ଦୃଶ୍ୟକୁ ଦେଖିବା ପାଇଁ ଭିଡ଼ ଜମାଇଥାନ୍ତି। କିନ୍ତୁ ବର୍ଷାଦିନେ ଟିକେ ସାବଧାନତାର ସହ ଏଠାକୁ ଯିବାକୁ ହୋଇଥାଏ। ନଚେତ୍ ଅନ୍ୟମନସ୍କତାରେ ଗୋଡ଼ ଖସିଯିବାର ସମ୍ଭାବନା ଥାଏ।

### କେମିତି ଯିବେ

ହୁବଲି ଏୟାରପୋର୍ଟ ହେଉଛି ଏହାର ନିକଟତମ ତଥା ଘରୋଇ ବିମାନବନ୍ଦର, ଯାହା ଉକ୍ତ ଜଳପ୍ରପାତଠାରୁ ପାଖାପାଖି ୧୩୦କି.ମି. ଦୂରରେ ଅବସ୍ଥିତ। ସେହିପରି ବାଙ୍ଗାଲୋର୍ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ମାଙ୍ଗାଲୋର ଅନ୍ତର୍ଜାତୀୟ ବିମାନବନ୍ଦର ହେଉଛି ଏଠାକାର ଦୁଇ ନିକଟତମ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଉଭୟ ସରକାରୀ ଓ ବେସରକାରୀ ବସ୍ ବି ଯା'ଆସ କରିଥାଏ। ପର୍ଯ୍ୟଟକ ନିଜ ସୁବିଧା ଅନୁସାରେ ଯେଉଁଥିରେ ଚାହିଁବେ ସେଥିରେ ଯାଇ ସୁବିଧାରେ ଯୋଗ ଜଳପ୍ରପାତ ନିକଟରେ ପହଞ୍ଚିପାରିବେ।

### କ'ଣ ଦେଖିବେ

ପ୍ରାୟ ୨୫୩ ମିଟର ଉଚ୍ଚତା ବିଶିଷ୍ଟ ଏହି ଜଳପ୍ରପାତଟିକୁ ଚତୁଃପାର୍ଶ୍ୱରୁ ବହୁ ଉଚ୍ଚ ଉଚ୍ଚ ପାହାଡ ତଥା ଜଙ୍ଗଲ ଘେରି ରହିଥିବାରୁ ଏଠାକାର ସୌନ୍ଦର୍ଯ୍ୟ ବେଶ୍ ମନୋରମ ଲାଗିଥାଏ। ତା'ଛଡ଼ା ଶାନ୍ତ ବାତାବରଣ ଭିତରେ ଥିବା ଏହି ପର୍ଯ୍ୟଟନସ୍ଥଳୀ ନିକଟରେ ଅନେକ ପକ୍ଷୀଙ୍କୁ ମଧ୍ୟ ଦେଖିବାକୁ ମିଳିଥାଏ। ଖାସ୍ ସେଥିପାଇଁ ତ ପ୍ରକୃତିପ୍ରେମୀ ତଥା ପକ୍ଷୀପ୍ରେମୀଙ୍କର ଏଠାକୁ ଯା'ଆସ ଲାଗି ରହିଥାଏ। ତେଣୁ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ସ୍ଥାନୀୟ ପର୍ଯ୍ୟଟନ ବିଭାଗ ତରଫରୁ ଏଠାରେ ସ୍ୱତନ୍ତ୍ର ପାହାଚ ମଧ୍ୟ ତିଆରି କରାଯାଇଛି। ଯଦ୍ୱାରା ଖୁବ୍ ନିକଟକୁ ଯାଇ ପର୍ଯ୍ୟଟକ ଏହି ଜଳପ୍ରପାତର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି। ହେଲେ ବର୍ଷାଦିନେ ପର୍ଯ୍ୟଟକଙ୍କୁ ଜଳପ୍ରପାତର ଅତି ନିକଟକୁ ଯିବା ପାଇଁ ଏଠାରେ ବାରଣ କରାଯାଇଥାଏ।

### ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ

ଯୋଗ ଜଳପ୍ରପାତ ବ୍ୟତୀତ ପର୍ଯ୍ୟଟକ ଚାହିଁଲେ ନିକଟରେ ଥିବା ଏକ ଛୋଟ ଅଭୟାରଣ୍ୟକୁ ମଧ୍ୟ ବୁଲିବାକୁ ଯାଇପାରିବେ। ତା'ଛଡ଼ା ଉକ୍ତ ଜଳପ୍ରପାତ ନିକଟରେ ଅନେକ ଗାଁ ବି ରହିଛି, ଯେଉଁଠାକୁ ଯାଇ ପର୍ଯ୍ୟଟକ କିଛି ଭିନ୍ନ ଅନୁଭୂତି ସାଉଣ୍ଟି ପାରିବେ।



କର୍ଣ୍ଣାଟକସ୍ଥିତ ଯୋଗ ଜଳପ୍ରପାତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ବେଶ୍ ଲୋକପ୍ରିୟ। ସ୍ଥାନୀୟ ଭାଷାରେ ଏହା ଗେରୁସୋପ୍ପେ ଜଳପ୍ରପାତ ନାଁରେ ପରିଚିତ। ପ୍ରାୟ ୨୫୩ ମିଟର ଉଚ୍ଚତା ବିଶିଷ୍ଟ ଏହି ଜଳପ୍ରପାତଟି ସରାବତୀ ନଦୀଧାରରୁ ସୃଷ୍ଟି ହୋଇଛି...













# ସ୍ଥାପତ୍ୟ କହେ କରୁଣ କାହାଣୀ

ମାନବ ଇତିହାସରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ହେଉଛି ଏକ କଳଙ୍କିତ ଅଧ୍ୟାୟ। ଏହା ନେଇଥିଲା ଲକ୍ଷ ଲକ୍ଷ ନିରୀହ ଜୀବନ। ଉଭୟ ନାଜି ଓ ସୋଭିଏଟ ୟୁନିୟନ୍ ନିଷ୍ଠୁର ଗଣହତ୍ୟା ଓ ନୃଶଂସକାଣ୍ଡମାନ ଘଟାଇଥିଲେ। ତାହା ମଧ୍ୟରେ ଗୋଟିଏ ଘଟଣା ଥିଲା ଅତ୍ୟନ୍ତ ହୃଦୟ ବିଦାରକ, ଯାହାକୁ ନାଜିମାନେ ଘଟାଇଥିଲେ। ଚେକୋସ୍ଲୋଭାକିଆ (ବର୍ତ୍ତମାନର ଚେକ୍ ରିପବ୍ଲିକ୍ ଅନ୍ତର୍ଗତ)ର ଲିଡିସ୍ ଗ୍ରାମର କୁନି କୁନି ପିଲା ଏହି ଯୁଦ୍ଧରେ ବଳି ପଡିଯାଇଥିଲେ। ସେତେବେଳେ ନାଜିମାନେ ପୋଲାଣ୍ଡର ଏହି ଗ୍ରାମରେ କ୍ୟାମ୍ପ କରି ମାନବୀୟ ସଫେଇ ନାମରେ ମାସ୍ କିଲିଂ କରୁଥିଲେ। ନାଜିର ଜଣେ ଅଫିସର ରିନ୍‌ହାର୍ଡ ହେଡ୍ରିଚ୍‌ଙ୍କ ହତ୍ୟା ପରେ ହିଟଲର୍ ଚେକୋସ୍ଲୋଭାକିଆରେ ଗଣହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗାଁଗୁଡିକୁ ପୁରୁଷ ଶୂନ୍ୟ କରିବା ସହ ମହିଳା ଓ ପିଲାଙ୍କୁ ଅଲଗା ଅଲଗା କ୍ୟାମ୍ପରେ ରଖାଯାଇଥିଲା। ୧୯୪୨ରେ ତ ନାଜିମାନେ ଲିଡିସ୍ ଗ୍ରାମର ପ୍ରାୟ ଅଧିବାସୀଙ୍କୁ ହତ୍ୟା କରିଥିଲେ। ସେଥିରେ ୧୭୩ ପୁରୁଷ ଥିଲେ। ୧୮୪ ମହିଳା ଓ ୮୮ ପିଲାଙ୍କୁ ନେଇ ଯାଇଥିଲେ। କିଛି ପିଲାଙ୍କୁ ଜର୍ମାନ କରିଦିଆଯାଇଥିଲା। ଆଉ ବାକି ୮୨ ପିଲାଙ୍କୁ ଅତି ନିଷ୍ଠୁରଭାବେ ବିଷାକ୍ତ ଗ୍ୟାସ୍ ଦେଇ ହତ୍ୟା କରାଯାଇଥିଲା। ଗୋଟିଏ ଥରରେ ଏତେ ସଂଖ୍ୟକ ପିଲାଙ୍କୁ ଏତେ ନିର୍ମମଭାବେ କରାଯାଇଥିବା ଏହି ହତ୍ୟାକୁ ଇତିହାସରେ ଏକ କଳା ଅଧ୍ୟାୟଭାବେ ବିବେଚନା କରାଯାଏ। ୧୯୮୦ରେ ଏହି ମର୍ମନ୍ତୁଦ ଘଟଣାକୁ ମ୍ୟାରୀ ଉଚିତୋଲୋଭା ନାମ୍ନୀ ସ୍ଥପତି ସ୍ଥାପତ୍ୟର ରୂପ ଦେବାକୁ ଚାହିଁଥିଲେ। ଏହାକୁ ସେ ଯୁଦ୍ଧରେ ମୃତ୍ୟୁବରଣ କରିଥିବା ୧୩ ମିଲିୟନ ପିଲାଙ୍କ ସ୍ମାରକୀଭାବେ ଗଢିବା ଆରମ୍ଭ କରିଥିଲେ। ତେବେ ଆରମ୍ଭ କରିବା ପୂର୍ବରୁ ମୃତ୍ୟୁବରଣ କରିଥିବା ପିଲାଙ୍କ ମା', ଯେଉଁମାନେ କି ସେ ସମୟରେ ବଞ୍ଚିଯାଇଥିଲେ, ତାଙ୍କଠାରୁ ଗଣହତ୍ୟାରେ ଶିକାର ସେମାନଙ୍କ ପିଲା ଦେଖିବାକୁ କିଭଳି ଥିଲେ ବୁଝିଥିଲେ। ହେଲେ ସେ କେବଳ ପ୍ଲାଷ୍ଟରର ମୂର୍ତ୍ତି ଗଢିଥିବାବେଳେ ୧୯୮୯ରେ ମୃତ୍ୟୁବରଣ କଲେ। ପରେ ତାଙ୍କ ସ୍ୱାମୀ ଜିରି ହାମ୍ପେଲ ବ୍ରୋଞ୍ଜ ଢଳେଇ କରି ସ୍ଥାପତ୍ୟକୁ ସମ୍ପୂର୍ଣ୍ଣ କରିଥିଲେ। ଏହା ଶେଷ ହେବାକୁ ୨୦ ବର୍ଷ ଲାଗିଗଲା। ୨୦୦୦ ମସିହାରେ ସମ୍ପୂର୍ଣ୍ଣ ହେଲା। ତେବେ ଆଜି ବି ଏହି ସ୍ଥାପତ୍ୟକୁ ଦେଖିଲେ କୁନି କୁନି ପିଲାଙ୍କ ଯନ୍ତ୍ରଣାର କାହାଣୀ ତାଜା ହୋଇଉଠେ।

## କାର୍ଟୁନ କର୍ନର



# ଶିଖା ଡାକିବ ଗଙ୍ଗା ଆସିବ



ମାମା

"ଗଙ୍ଗା ଫେରିବ। ଗଙ୍ଗା ଆସିବ। ଦିନେ ସଗର ରଜାର ପୁଅମାନଙ୍କୁ ଉଦ୍ଧାର କରିବା ପାଇଁ ପତିତପାବିନୀ ଗଙ୍ଗାଙ୍କୁ ଆସିବା ପାଇଁ ପଡ଼ିଥିଲା ପୃଥିବୀକୁ। ମୋ ସଂସାର ଯେତେବେଳେ ଭାସିଯାଉଛି ସେତେବେଳେ ଏ ଗଙ୍ଗା ଆସିବନି କେମିତି? ଆ ଗଙ୍ଗା ଆ। ତୋ ପବିତ୍ର ପାଦ ପକେଇ ମୋ ଅସଜଡ଼ା ସଂସାରକୁ ତୁ ସଜାଡ଼ି ଦେଇ ଯା!"

ଓଲିଉଡ୍ ମେକର ମହେଶ ହାଜରା ନିର୍ଦ୍ଦେଶିତ ସତ୍ୟ ଜେନାଙ୍କ 'ରଙ୍ଗମହଲ' ପ୍ରଯୋଜିତ ନାଟକ 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି'ରେ ମୋର ରହିଛି ଏମିତି ଏକ ଲୁହବତୁରା ଆବେଗପୂର୍ଣ୍ଣ ସଂଳାପ। ଆତୁର ହୋଇ ମୁଁ ବାହାରକୁ ଅନେଇ ଡାକୁଛି। କ'ଣ ଘଟିବ ସେକଥା ଜାଣେନି। ସାଥୀ କଳାକାରମାନେ ଜାଣନ୍ତି ନାହିଁ। ଦର୍ଶକମାନେ ବି ଜାଣନ୍ତି ନାହିଁ। ମୋ ପାଟି କିନ୍ତୁ ଚୁପ୍ ହେଉନି। ମଞ୍ଚ ସାରା ମୁଁ ବୁଲିବୁଲି ଡାକୁଛି 'ଆ ଗଙ୍ଗା ଆ'। ତା'ପରେ କ'ଣ ଘଟୁଛି ସେକଥା ଦେଖିବା ପାଇଁ ଆପଣଙ୍କୁ ନାଟକ ଦେଖିବାକୁ ପଡ଼ିବ ବୋଲି କହନ୍ତି ମାମା ଓରଫ୍ ମମତା ମହାପାତ୍ର।

ସେ ଯାହା ବି ହେଉ ପୂର୍ବରୁ ପ୍ରାୟତଃ ନେଗେଟିଭ୍ ଭୂମିକାରେ ଦେଖିବାକୁ ମିଳୁଥିବା ମାମାଙ୍କୁ ଏଥର ଦର୍ଶକ ପଜିଟିଭ୍ ଭୂମିକାରେ ଦେଖିବାକୁ ପାଇବେ। ତାଙ୍କର ଚରିତ୍ରର ନାମ ରହିଛି ଶିଖା। ଶିଖା ଗୋଟେ କୋଟିପତି ଘରର କୁଳବୋହୂ। ତା' ଉପରେ ନିର୍ଭର କରୁଛି ଘରର ସବୁକିଛି। ଶ୍ୱଶୁରଙ୍କ ପାଇଁ ସେ ବୋହୂ ନୁହେଁ ଝିଅ। ଶାଶୁଙ୍କ ପାଇଁ ସେ ସୁନାନାକୀ ସୁନା ପ୍ରତିମା। ଶାଶୁ ଶ୍ୱଶୁରଙ୍କର ସେ ଆଶା ଭରସା ସବୁକିଛି। ମାମା କହନ୍ତି, ଏମିତି ଏକ ଚରିତ୍ର ପାଇ ମୁଁ ଖୁସି ଅଛି। ଚରିତ୍ରଟି ମୋ ମନକୁ ଛୁଇଁଛି। ଭାବୁଛି ନିଶ୍ଚୟ ମୋତେ ଦର୍ଶକ ଗ୍ରହଣ କରିବେ।

ଯାତ୍ରା ରଙ୍ଗମହଲ ପାଇଁ ମାମା ନୂଆ ନୁହନ୍ତି। ଦୁଇବର୍ଷ ଆଗରୁ ସେ ରଙ୍ଗମହଲରେ ଥିଲେ। ପୁଣିଥରେ ରଙ୍ଗମହଲକୁ ଫେରିଆସିଛନ୍ତି। ଏହା ତାଙ୍କୁ ତାଙ୍କର ଘରବାହୁଡ଼ା ପରି ଲାଗୁଛି। ୨୦୦୫ ମସିହାରେ ତ୍ରିରଙ୍ଗା ଗଣନାଟ୍ୟରୁ ମାମା ଅଭିନୟ ଜୀବନ ଆରମ୍ଭ କରିଥିଲେ। ଇତିମଧ୍ୟରେ ତାରପୁର, ତ୍ରିନାଥ, ବିଶ୍ୱ ଦରବାର, ଦର୍ଶକମହଲ, ରଙ୍ଗମହଲ ଆଦି ଅଗ୍ରଣୀ ଯାତ୍ରାନୁଷ୍ଠାନ ସବୁରେ କାର୍ଯ୍ୟ କରି ନିଜ ଅଭିନୟର ଦକ୍ଷତା ପ୍ରତିପାଦନ କରିଛନ୍ତି। 'ମୋ ପ୍ରେମିକା ନିହାରୀକା', 'ତୁମ ସହରକୁ ନମସ୍କାର', 'ଶବ ସହ ସତର ବର୍ଷ', 'ପାପ ଭଲଲାଗେ ବାପ ଘରେ', 'ଧର୍ମ ହଜିଗଲା ଧର୍ମଦାଣ୍ଡରେ', 'ଝିଅ ମୁଁ ନମ୍ବର ୱାନ୍' ଆଦି ହେଉଛି ତାଙ୍କ ଅଭିନୀତ ଗୋଟିଏ ଗୋଟିଏ ସଫଳ ନାଟକ। ବାପା ଶଶିଭୂଷଣ, ମା' ଲକ୍ଷ୍ମୀପ୍ରିୟା ଏବଂ ଅଭିନେତା ସ୍ୱାମୀ ନିଶିକାନ୍ତ ଓରଫ୍ ଟାହିଆଙ୍କ ପ୍ରେରଣା ତାଙ୍କୁ ଆଗକୁ ବାଟ କଢ଼େଇ ନେଉଛି ବୋଲି କହନ୍ତି ଏହି ଅଭିନେତ୍ରୀ।

# ଦରଦୀ ଅଭିନେତା ଆକାଶ


ଓଡ଼ିଆ ଯାତ୍ରା ଜଗତରେ ଆକାଶ ନନ୍ଦ ଏକ ପରିଚିତ ନାଁ। ଦରଦୀ ଗଳା। ସମୁଦ୍ର ପରି ଗଭୀର ଦୁଇ ଆଖିର ଚାହାଣି। ତାଙ୍କୁ ଦେଖିଲେ ଲାଗେ ଯେମିତି ଅନେକ କିଛି ଦୁଃଖ ଦରଦ ସାଇତା ହୋଇରହିଛି ତାଙ୍କ ଚାହାଣିରେ, ଭଙ୍ଗୀରେ। ମାତ୍ର ସେସବୁ ବାହାରକୁ ଫିଟୁନି। ସେଇ ଫିଟୁ ନ ଥିବା ଦୁଃଖ ଯେତେବେଳେ ତାଙ୍କ ସ୍ୱରରେ ସଂଳାପ ହୋଇ ବାହାରେ ସେତେବେଳେ ଦର୍ଶକଟିଏ କାନ୍ଦିବାକୁ ବାଧହୁଏ। ଅନେକ ନାଟକରେ ରହିଛି ତାଙ୍କର ଦରଦୀ ଅଭିନୟ। ଭଦ୍ରକ ଜିଲାର ଭଣ୍ଡାରୀ ପୋଖରୀଠାରେ ଜନ୍ମଗ୍ରହଣ କରିଥିବା ଆକାଶ ଯାତ୍ରାକୁ ଆସନ୍ତି ୨୦୦୫ ଅଗଷ୍ଟ ୫ ତାରିଖରେ। ବାଣେଶ୍ୱରୀରେ ଯୋଗ ଦେଇ ସେ ତାଙ୍କ ଅଭିନୟ ଜୀବନର ଅୟମାରମ୍ଭ କରନ୍ତି। ଅନେକେ ଏକଥା ଜାଣି ନ ଥିବେ ଯେ, ଯାତ୍ରା ଜଗତର ପ୍ରସିଦ୍ଧ ହାସ୍ୟାଭିନେତା ବ୍ରଜ ପାଣି ହେଉଛନ୍ତି ତାଙ୍କ ମାମୁ। ପିଲାଟି ଦିନରୁ ତ ସେ ଯାତ୍ରା ପ୍ରତି ଆକୃଷ୍ଟ ଥିଲେ। ମାତ୍ର ମାମୁ ତାଙ୍କୁ ନାଲି ଆଖି ଦେଖେଇ କହିଥିଲେ, ଆଗ ପାଠପଢ଼। ତା'ପରେ ଯାତ୍ରାକୁ ଯିବୁ କି ସିନେମା କରିବୁ। ବାପାମା'ଙ୍କର ଗୋଟିଏ ବୋଲି ପୁଅ। ତେଣୁ ତାଙ୍କର କୌଣସି କାମକୁ ନେଇ ବାପାମା'ଙ୍କର କିଛି ବି ଆପତ୍ତି ନ ଥିଲା। ମାମୁଙ୍କ କଥାମାନି ପାଠ ପଢ଼ିଲେ ଆକାଶ। ପ୍ଲସ୍ ଟୁ ପାସ୍ କଲେ। ଆଉ ଅଭିନୟ ଠାରୁ ନିଜକୁ ଅଧିକ ଦିନ ଦୂରେଇ ରଖିବା ସମ୍ଭବ ହେଲାନାହିଁ। ଭୁବନେଶ୍ୱର ଚାଲିଆସି 'ମୁକ୍ତି ଥିଏଟର'ରେ କାମ କଲେ। ଅଭିନୟର ବ୍ୟାକରଣ ପଢ଼ିଲେ। ଶେଷରେ ଆସିଲେ ଯାତ୍ରାକୁ। ତାଙ୍କର ପ୍ରଥମ ନାଟକ ଥିଲା 'ସଜେଇ ଦିଅଲୋ ବେଦିକି ଯିବି'। ଏଥିରେ ଏକ ସୁନ୍ଦର ଭୂମିକା ମିଳିଥିଲା ତାଙ୍କୁ। ତାଙ୍କ ଚରିତ୍ର ତଥା ଆଙ୍ଗିକ ଗଠନକୁ ବେଶ୍ ସୁହାଉଥିଲା ସେ ଚରିତ୍ର। ବାସ୍, ଆଉ ପଛକୁ ଚାହିଁ ନାହାନ୍ତି ସେ। ବାଣେଶ୍ୱରୀ ପରେ ସୋମନାଥ ଅପେରା, ଇଷ୍ଟର୍ନ ଅପେରା, କଳିଙ୍ଗ ଗଣନାଟ୍ୟ, ପାର୍ବତୀ ଗଣନାଟ୍ୟ, ରଙ୍ଗମହଲ ଆଦି ପ୍ରତିଷ୍ଠିତ ଯାତ୍ରାନୁଷ୍ଠାରେ କାମ କରି ସେ ଏବେ ଆସି ପହଞ୍ଚିଛନ୍ତି ଚଳିତବର୍ଷ ନୂଆକରି ଗଢ଼ି ଉଠିଥିବା 'ରାଜଧାନୀ ଅପେରା'ରେ। ଇତିମଧ୍ୟରେ ଦୀର୍ଘ ୧୪ବର୍ଷ ବିତିଗଲାଣି ଯାତ୍ରା ଜଗତରେ। ବହୁ ନାଟକରେ ଅଭିନୟ କରି ସେ ସଫଳ ହୋଇଛନ୍ତି। ସେଥିମଧ୍ୟରୁ କେତୋଟି ହେଉଛି 'ଭୁଲ ବୁଝିବନି ରହିଲା ରାଣ', 'ଝିଅମାନଙ୍କୁ ସଲାମ କର', 'ସବୁଦିନେ ସେଇ ଗୋଟିଏ କଥା', 'ସତ ସବାରିରେ ମିଛ କନିଆ', 'ଗ୍ୟାଙ୍ଗଷ୍ଟର', 'ସିନ୍ଦୂର ବିକୁଛି ସୁନ୍ଦରୀ ଝିଅ', 'ଅଧେ ତୋର ଅଧେ ମୋର', 'ବାହା ହେଇଛ ନା ବାଡୁଅ ଅଛ', 'କେମିତି ରାତି ସେ କେମିତି ସାଥୀ' ଏବଂ ଆହୁରି ଅନେକ। ଚଳିତବର୍ଷ 'ରାଜଧାନୀ ଅପେରା'ରେ ତାଙ୍କର ନାଟକ ମଧ୍ୟରେ ରହିଛି ମୁକ୍ତିକାନ୍ତ ନାୟକଙ୍କ ରଚିତ ଏବଂ ନିର୍ଦ୍ଦେଶିତ 'କଳିଯୁଗ କୁନ୍ତି'। ଏଥିରେ ତାଙ୍କୁ ଏକ ଦମ୍‌ଦାର ଭୂମିକା ମିଳିଛି ବୋଲି କୁହନ୍ତି ଏହି ଅଭିନେତା। ସେ ଉଭୟ ପଜିଟିଭ୍ ଏବଂ ନେଗେଟିଭ୍ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ଆକାଶଙ୍କ ମତରେ ଦର୍ଶକ ତାଙ୍କୁ ପଜିଟିଭ୍ ଚରିତ୍ରରେ ଦେଖିବାକୁ ବେଶି ପସନ୍ଦ କରିଥାନ୍ତି।



# ଅଧେ ମଣିଷ ଅଧେ କୁକୁର



ଅଧେ ପଶୁ ଅଧେ ମଣିଷ। ଯେମିତିକି ଅଧେ ମଣିଷ ଅଧେ ସିଂହ, ଅଧେ ମଣିଷ ଅଧେ ଘୋଡ଼ା ଅଥବା ଅଧେ ମଣିଷ ଅଧେ ଛେଳି – ଏସବୁ ପୁରାଣ କାହାଣୀରେ ଅଥବା ଫାଣ୍ଟାସୀ ଫିଲ୍ମରେ ଦେଖିବାକୁ ମିଳିଥାଏ। ତାହାକୁ ମଣିଷ ମନର କାଳ୍ପନିକତା ବୋଲି ଧରି ନିଆଯାଏ। ହେଲେ ସତସତିକା ଜୀବନରେ ସେସବୁ ଦେଖିବାକୁ ମିଳି ନଥାଏ। ମାତ୍ର ଯଦି କେବେ କାହାରି ହାବୋଡ଼ରେ ପଡ଼ିଯାଏ ସେମିତିକା ଗୋଟେ ଜୀବ ତା'ହେଲେ ହୋସ୍ ଉଡ଼ିଯିବା ସ୍ୱାଭାବିକ୍। ସେମିତିକା ଗୋଟିଏ ଘଟଣା ଘଟିଛି ଆମେରିକାର ସାନ୍ ବେନିଟୋରେ। ସାନ୍ ବେନିଟୋର ନଈକୂଳିଆ ରାସ୍ତାରେ କାର ଚଳେଇ ଆସୁଥିଲେ ଦୁଇଜଣ ବନ୍ଧୁ। ହଠାତ୍ ସେମାନେ ଦେଖିଲେ ଦୁଇଟି ଅଦ୍ଭୁତ ଜୀବ ନଈରୁ ପାଣି ପିଉଛନ୍ତି। ସେଗୁଡ଼ିକ ଦେଖିବାକୁ ତ କୁକୁର ଭଳି। ମାତ୍ର ସେମାନଙ୍କର ଅର୍ଦ୍ଧେକାଂଶ ଠିକ୍ ଯେମିତି ମଣିଷର ଅଙ୍ଗ। ଏହା ଦେଖି ସେମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ସେମାନେ ଗାଡ଼ି ରଖି ସେହି ଅଦ୍ଭୁତ ଜୀବ ଦୁଇଟିର ଫଟୋ ନେବାକୁ ଚାହିଁଥିଲେ। ମାତ୍ର ଅତି ଚତୁର ସେହି ପ୍ରାଣୀ ଦୁଇଟି ଘାସବୁଦା ଭିତରେ ପଶି କୁଆଡ଼େ ଗାଏବ୍ ହୋଇଯାଇଥିଲେ। ଅବଶ୍ୟ ଜଣେ କିଛି ସେକେଣ୍ଡର ଭିଡ଼ିଓ କରିବାକୁ ସଫଳ ହୋଇଛନ୍ତି। ମାତ୍ର ତାହା ଖୁବ୍ ଅସ୍ପଷ୍ଟ। ଏ ଘଟଣା ଲୋକଲୋଚନକୁ ଆସିବା ପରେ ଗୋଟିଏ କଥା କୁହାଯାଇପାରିବ ଯେ, ପୁରାଣ କିମ୍ବା କାଳ୍ପନିକ କାହାଣୀରେ କୁହାଯାଇଥିବା ସବୁକଥା ମିଛ କିମ୍ବା କଳ୍ପନା ହୋଇ ନପାରେ। ଅଳ୍ପ ହେଉ ପଛକେ କିଛି ନା କିଛି ସତ୍ୟତା ନିଶ୍ଚୟ ଅଛି।



# କୁକୁଡ଼ାଙ୍କ ପାଇଁ ଡ୍ରେସ୍

ଯଦି ଆପଣ ପୋଷା କୁକୁଡା ରଖିଛନ୍ତି ଓ ତାକୁ ସୁନ୍ଦର ଭାବେ ସଜାଇବାକୁ ଚାହୁଁଛନ୍ତି, ତେବେ କୁକୁଡାଙ୍କ ପାଇଁ ଆସିଥିବା ଏହି ଡ୍ରେସ୍‌କୁ ନିହାତି ବ୍ୟବହାର କରିବାକୁ ଚାହିଁବେ। ଉକ୍ତ ଡ୍ରେସ୍‌ର ନାମ ହେଉଛି 'ଟୁଟୁ'। ଉକ୍ତ ଡ୍ରେସ୍‌କୁ ସାଧାରଣତଃ ବାଲେଟ୍ ନୃତ୍ୟ କରୁଥିବା ମହିଳାମାନେ ପିନ୍ଧିଥାଆନ୍ତି, ଯାହାକି ଦେଖିବାକୁ ମିନିସ୍କର୍ଟ ଭଳି। ତେବେ କୁକୁଡାଙ୍କୁ ଫିଟ୍ ହେଲାଭଳି ରଙ୍ଗବେରଙ୍ଗର ଏହି ଡ୍ରେସ ପିନ୍ଧି କୁକୁଡା ବି ବହୁତ ସୁନ୍ଦର ଲାଗୁଛନ୍ତି। କୁକୁଡାଙ୍କ ଆରାମକୁ ଧ୍ୟାନରେ ରଖି ଏହାକୁ ତିଆରି କରାଯାଇଛି। କୋମଳ କପଡା ସାଙ୍ଗକୁ ଇଲାଷ୍ଟିକ୍‌ର ଷ୍ଟ୍ରାପ୍ ରହିଛି, ଯାହାକି ଡେଣା ଚାରିପଟେ ରହିଥାଏ। ତେଣୁ ଏହାକୁ ପିନ୍ଧିଲେ କୁକୁଡା ଛନ୍ଦି ହେବାର ଭୟ ବି ନ ଥାଏ। ଆଉ ରଙ୍ଗବେରଙ୍ଗର, କୁଞ୍ଚ କୁଞ୍ଚ ଘେର ଥିବା ଏହି ପୋଷାକ ପିନ୍ଧି କୁକୁଡା ଲାଗନ୍ତି ପରୀ ଭଳି।







## ହମିଂ ବାର୍ଡ ଭଳି ଫୁଲ


କ୍ରୋଟାଲାରିଆ କନିଂହାମି ଉତ୍ତର ଅଷ୍ଟ୍ରେଲିଆର ଏକ ଫୁଲ। ଏହି ଫୁଲଟି ଆଉ ଏକ ନାମରେ ବି ପରିଚିତ, ତାହା ହେଉଛି 'ଗ୍ରୀନ୍ ବାର୍ଡ ଫ୍ଲାୱାର'। କାରଣ ଏହାର ସବୁଜ ଫୁଲ ଛୋଟିଆ ହମିଂ ବାର୍ଡ ପରି ଦେଖାଯାଇଥାଏ, ଯାହାର ମୁନିଆ ଲମ୍ବା ଥଣ୍ଟ ଗଛର କାଣ୍ଡ ସହ ଲାଗି ରହିଥାଏ। ଉତ୍ତର ଅଷ୍ଟ୍ରେଲିଆରେ ହମିଂ ବାର୍ଡ ଦେଖିବାକୁ ମିଳନ୍ତି ନାହିଁ। କିନ୍ତୁ ଏହି ଫୁଲ ଏତେ ବାସ୍ତବ ହମିଂ ବାର୍ଡ ଭଳି ଲାଗେ ଯେ, ହଠାତ୍ ଦେଖିଲେ ଆଶ୍ଚର୍ଯ୍ୟ ଲାଗିଥାଏ। ଯଦିଓ ଫୁଲଟିର ନିର୍ଦ୍ଦିଷ୍ଟ ଏକ ପାର୍ଶ୍ୱରୁ ଦେଖିଲେ ହିଁ ତାହ ଉକ୍ତ ଚଢେଇ ଭଳି ଲାଗିଥାଏ।





## ବ୍ୟାକ୍ ପେଜ୍





## ବିପଜ୍ଜନକ ଜଗଲିଂ କରି ରେକର୍ଡ

ସର୍କସ୍‌ରେ ଜୋକର୍ ଏକାଧିକ ବଲ୍‌କୁ ଦୁଇ ହାତରେ ଜଗଲିଂ କରିବା ସମୟରେ ବେଶ୍ ମଜା ଲାଗିଥାଏ। ତେବେ ଜଣେ ଏଭଳି ଜିନିଷକୁ ଧରି ଜଗଲିଂ କରିଛନ୍ତି, ଯାହାକୁ ଦେଖିଲେ ଡର ଲାଗେ। ଫିନ୍‌ଲାଣ୍ଡର ଜେନ୍ ମୁଷ୍ଟୋନେନ୍ ନାମକ ଏହି ବ୍ୟକ୍ତି ଜଣକ ମୋଟର ଚାଳିତ ଚେନ୍‌ସ' ବା କରତ, ସେ ପୁଣି ଏକାଥରେ ୩ଟି କରତକୁ ନେଇ ଜଗଲିଂ କରିଛନ୍ତି। ତିନୋଟି କରତକୁ ସେ ସର୍ବାଧିକ ୯୮ଥର ଜଗଲିଂ କରି ଗିନିଜ୍ ୱାର୍ଲଡ୍ ରେକର୍ଡ ମଧ୍ୟ କରିଛନ୍ତି। ୨୦୧୮, ଜୁଲାଇ ୨୮ରେ ସେ ଉକ୍ତ ରେକର୍ଡ କରିଥିଲେ।